■ ଜଙ୍ଗଲ ଭିତରେ ଯୁବକଙ୍କୁ ହତ୍ୟା ଘଟଣା

# ଜମି ବିବାଦରୁ ହତ୍ୟାକାଣ୍ଡ; ଜଣେ ଗିରଫ

ବଲାଙ୍ଗିର, ୨୬।୩(ସମିସ)

ବଲାଙ୍ଗିର ସଦର ଥାନା ଅଧୀନ ଡୁମେରଝରନ ନିକଟରେ ଥିବା ସୁନାଦେଇ ଜଙ୍ଗଲ ଭିତରେ ହୋଇଥିବା ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି ପୁଲିସ। ଡୁମେରଝରନ ଗାଁର ଶତ୍ରୁଘ୍ନ ପଟେଲଙ୍କ ସହ ସେହିଗାଁର ଗୌତମ ନାଏକଙ୍କ ପରିବାର ସହିତ ବହୁଦିନର ବିବାଦ ରହିଥିବା ବେଳେ ଏନେଇ ତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଲାଗିରହିଥିବା ବିବାଦକୁ କେନ୍ଦ୍ରକରି ଗୌତମ ନାଏକ ଏହି ହତ୍ୟାକାଣ୍ଡ କରିଥିବା ବେଳେ ପୁଲିସ ତାକୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆଲୋକ ଜେନା ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୨୫ ତାରିଖରେ ପୁଇଁନ୍ତଲା ଥାନା ସିକାବେହେଙ୍ଗା ଗାଁର ନିଲେଶ୍ୱର ପଟେଲ ତାଙ୍କ ପୁଅ ନିଖୋଜ ଥିବା ସଦର ଥାନାରେ ଅଭିଯୋଗ କରିଥିଲେ। ପୁଅ ଶତ୍ରୁଘ୍ନ ପଟେଲ ତାଙ୍କ ମାମୁଁଘର ଡୁମେରଝରନରେ ଗତ ପ୍ରାୟ ମାସେ ହେଲା ରହି ସେଠାରେ କାଠ କାରିଗରୀ କାମ କରୁଥିବା ବେଳେ ୨୪ ତାରିଖ ସକାଳୁ ପାଟଣାଗଡ଼ ଥାନା ଠଲକୋଛାପର





ଗାଁକୁ କାଠପଟା ନେବାକୁ ଯାଇଥିବା ବେଳେ ସେ ରାତିରେ ଘରକୁ ଫେରିନଥିବା ଜଣାଇଥିଲେ। ପରେ ପରିବାର ଲୋକେ ଯେତେବେଳେ ଡୁମେରଝରନକୁ ଲାଗିରହିଥିବା ମହଦାସୁନୀ ଜଙ୍ଗଲକୁ ଖୋଜିବାକୁ ଯାଇଥିଲେ ସେଠାରେ ଏକ ନାଳରେ ଶତ୍ରୁଘ୍ନଙ୍କ ମୃତଦେହ ପଡ଼ିଥିବା ପୁଲିସକୁ କହିଥିଲେ। ତେବେ ତାଙ୍କ ପୁଅକୁ ଗାଁର ଶ୍ରୀକୃଷ୍ଣ ନାଏକ, ପୁଅ ଗୌତମ ନାଏକ ଆଉ କିଛି ବ୍ୟକ୍ତି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ମଙ୍ଗଳବାର ପାଞ୍ଚ ଜଣଙ୍କୁ ଆଣି ଅଟକ ରଖିଥିଲା। କିନ୍ତୁ ଅନ୍ୟ ଚାରି ଜଣଙ୍କୁ ଛାଡ଼ିଦେଇ ବୁଧବାର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଡୁମେରଝରନ ଗାଁର ଗୌତମ ନାଏକ(୩୨) ବୋଲି ଜଣାପଡ଼ିଛି। ତେବେ ଏହି ହତ୍ୟା ମାମଲା ପଛରେ ମୃତ ଶତ୍ରୁଘ୍ନ ଓ ଗୌତମଙ୍କ ପରିବାର ମଧ୍ୟରେ ଜମିଜମା ବିବାଦ ଆଗରୁ ରହିଆସିଛି। ଏନେଇ ପୁଇଁନ୍ତଲା ଥାନାରେ ମାମଲା ମଧ୍ୟ ରହିଛି। ଯାହାକୁ ୨୪ ତାରିଖରେ ଉଭୟଙ୍କ ମଧ୍ୟରେ ଜଙ୍ଗଲ ଭିତରେ ଗଣ୍ଡଗୋଳ ହୋଇଥିଲା। ପରେ ଶତ୍ରୁଘ୍ନ ଠଲକୋଛାପରକୁ ଯାଇଥିବା ବେଳେ ଗୌତମ କିନ୍ତୁ, ଜଙ୍ଗଲ ଭିତରେ ହିଁ ତାକୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା। ଫେରିବା ବାଟରେ ଶତ୍ରୁଘ୍ନକୁ ପଥର ଓ କାଠ ଫାଳିଆରେ ପିଟି ହତ୍ୟା କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆଲୋକ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶତ୍ରୁଘ୍ନଙ୍କ ପରିବାର ଲୋକ ପୁଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଜଣେ ବ୍ୟକ୍ତି ଏହିଭଳି ଭାବେ ଶତ୍ରୁଘ୍ନକୁ ହତ୍ୟା କରିବା ଅସମ୍ଭବ। ଏହି ଘଟଣାରେ ଅଭିଯୁକ୍ତର ବାପାଙ୍କ ସହ ଆଉ କିଛି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ମଧ୍ୟ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ଜେନା ସୂଚନା ଦେଇଛନ୍ତି।

## ବଲାଙ୍ଗିର ସଦର ଥାନାର ଅଭ୍ୟର୍ଥନା କକ୍ଷ

# ଦୁର୍ଗନ୍ଧରେ ଫାଟିପଡ଼ୁଛି ନାକ; ପିଇବା ପାଣି ସାତସପନ

**ବଲାଙ୍ଗିର, ୨୬।୩(ସମିସ):** ବିଭିନ୍ନ ସମୟରେ ଅଭିଯୋଗ ଆପତ୍ତି କରିବା ପାଇଁ ଥାନାକୁ ଆସୁଥିବା ଲୋକେ ବସି ବିଶ୍ରାମ କରିବା ପାଇଁ ସବୁ ଥାନାରେ ଅଭ୍ୟର୍ଥନା କକ୍ଷର ବ୍ୟବସ୍ଥା କରାଯାଇଛି। ଯେଉଁଠି ପିଇବା ପାଇଁ ଥଣ୍ଡା ପାଣି, ସିସିଟିଭି ଓ ଶୌଚାଳୟର ବ୍ୟବସ୍ଥା ଥିବାସହିତ ତାହା ବି କହିବା କାଠିକର। ପିଇବା ପାଇଁ ପାଣି ନଥିବା ସ୍ଥାନରେ ଶୌଚାଳୟ ପାଇଁ ପାଣି ଖୋଜିବା ନିହାତି ଭାବେ ହାସ୍ୟାସ୍ପଦ ବିଷୟ। ପୁରୁଷ ଓ ମହିଳାମାନଙ୍କ ପାଇଁ ଦୁଇଟି ଶୌଚାଳୟ ରହିଛି କିନ୍ତୁ, ସେଠାରେ ପାଣି ନଥିବାରୁ ତାହା ବ୍ୟବହାର ହେଉନଥିବା ଦେଖିବାକୁ ମିଳିଛି।





ପୁଲିସ ବ୍ୟବସ୍ଥାରେ ଭରସା ନକରି ସ୍ଥାନୀୟ ମାରୱାଡି ମଞ୍ଚ ପକ୍ଷରୁ କିଛି ମାସ ତଳେ ନୂତନ ଆକ୍ୱାଗାର୍ଡ ଓ ଫ୍ରିଜରର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେଠାରେ ବି ପିଇବା ପାଣି ବୁନ୍ଦାଏ ମିଳୁନାହିଁ। ଅଭ୍ୟର୍ଥନା କକ୍ଷର ଚାରିପଟେ ପତ୍ର ଓ ଆବର୍ଜନା ପଡ଼ିରହିଥିବା ବେଳେ କରାଯାଇଥିବା ସୌନ୍ଦର୍ଯ୍ୟକରଣ କାମ ବି ଅସୁନ୍ଦର ହୋଇସାରିଲାଣି। ମହିଳା ଓ ଶିଶୁମାନଙ୍କ ପଚରାଉଚୁରା କରିବା ପାଇଁ ସ୍ୱତନ୍ତ୍ର କ୍ୟାବିନର ବ୍ୟବସ୍ଥା ରହିଛି। ଯାହାକୁ ଆମ ପୁଲିସ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ଆହୁରି ସୁଦୃଢ଼ କରାଯାଇଛି। କିନ୍ତୁ, ବଲାଙ୍ଗିର ସଦର ଥାନାରେ ଥିବା ଅଭ୍ୟର୍ଥନା କକ୍ଷ ଭିତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଭ୍ୟର୍ଥନା କକ୍ଷକୁ ଦେଖିଲେ ଲୋକେ ଟାହିଟାପରା କରୁଛନ୍ତି। ଭିତରକୁ ପଶିବା ବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଭିତରକୁ ଗଲେ ପିଇବା ପାଣି ପାଇଁ ଫ୍ରିଜର ରହିଛି କିନ୍ତୁ, ତାହା ଅଚଳାବସ୍ଥା। ଦେଖିଲେ ଲାଗୁଛି କିଛି ମାସ ହେଲା ଏହିଭଳି ଭାବେ ପଡ଼ିରହିଛି। ସେହିପରି ହାତ ମୁହଁ ଧୋଇବା ପାଇଁ ରହିଥିବା ବେସିନର ଅବସ୍ଥା ନକହିବା ଭଲ। କେତେଦିନ ହେଲା ତାହା ବ୍ୟବହାର ହୋଇନାହିଁ ଏହାକୁ ଦେଖିଲେ ଯେ କେହି କହିବ ମାସ ମାସ ଧରି ରକ୍ଷଣାବେକ୍ଷଣ କରାଯାଉନାହିଁ। ଏମିତିରେ ଅଭ୍ୟର୍ଥନା କକ୍ଷ ଭିତରେ ଅଭିଯୋଗ କରିବାକୁ ଆସୁଥିବା ଲୋକେ ବସୁଥିବା ବେଳେ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଉଛି। ତେବେ ଉକ୍ତ କକ୍ଷରେ ହେଉଥିବା ଦୁର୍ଗନ୍ଧକୁ ନେଇ ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ ମଧ୍ୟ ନାକ ଟେକିଥିଲେ। ତେବେ ଆମ ପୁଲିସ କାର୍ଯ୍ୟକ୍ରମରେ ପ୍ରତିମାସରେ ରାଜ୍ୟ ସରକାର ଥାନାଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରୁଛନ୍ତି। ଯେଉଁ ଲକ୍ଷ୍ୟ ନେଇ ଅଭ୍ୟର୍ଥନା କକ୍ଷ ନିର୍ମାଣ ହୋଇଛି ତଥା ଲକ୍ଷ ଲକ୍ଷ ଟଙ୍କା ଆମ ପୁଲିସ କାର୍ଯ୍ୟକ୍ରମରେ ଦିଆଯାଉଛି ତାହା ସାଧିତ ହେଉନାହିଁ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଖଜୁରି ରସ ବିକ୍ରି ଅଭିଯୋଗ; ଜଣେ ଗିରଫ

**ବଲାଙ୍ଗିର, ୨୬।୩(ସମିସ):** ଖରା ସମୟରେ ପେଟ ଥଣ୍ଡା ରହିବା ପାଇଁ ଲୋକେ ନାନା ପ୍ରକାର ମୃଦୁ ପାନୀୟ ଗ୍ରହଣ କରୁଛନ୍ତି। ହେଲେ ଖଜୁରୀ ଗଛରୁ ବାହାର କରାଯାଉଥିବା ଖଜୁରୀ ରସ ଏକ ପ୍ରକାର ମାଦକ ଦ୍ରବ୍ୟ ଭାବରେ ସେବନ କରାଯାଉଥିଲେ ବ୍ୟାପକ ଭାବରେ ଏହାକୁ ବିକ୍ରୀ କରାଯାଉଛି। ଯାହାଫଳରେ ବୁଧବାର ଖଜୁରୀ ରସ ବିକ୍ରୀ କରୁଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି ଅବକାରୀ ପୁଲିସ। ଗିରଫ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ବନ୍ଧଗୁଡା ଗ୍ରାମର ରାଏକାନ୍ତ ବେହେରା(୩୦)। ପ୍ରକାଶ ଯେ ବଲାଙ୍ଗିର-ସମ୍ବଲପୁର ରୋଡ୍‌ସ୍ଥିତ ଛତାମଖନାରେ ରହି ସେ ଖଜୁରୀ ରସ ବିକ୍ରୀ କରୁଥିବା ଜଣାପଡ଼ିଛି। ରାଏକାନ୍ତ ଖଜୁରୀ ରସ ବିକ୍ରୀ କରୁଥିବାର ଖବର ପାଇ ଏକ ଟିମ ଘଟଣାସ୍ଥଳରେ ଚଢଉ କରିଥିଲା। ତା ଠାରୁ ୪୦ ଲିଟର ଖଜୁରୀ ରସ ଜବତ କରିଥିଲା। ଖଜୁରୀ ରସ ମାଦକ ଦ୍ରବ୍ୟ ଭାବରେ ବିବେଚନା କରାଯାଏ। ଖଜୁରୀ ଗଛରୁ ରସ କାଢିବା ପରେ ଗଛ ମଧ୍ୟ ଶୁଖି ମରିଯାଏ। ତେଣୁକରି ଖଜୁରୀ ରସ କାଢି ବିକ୍ରୀ କରିବା ଆଇନଗତ ଅପରାଧ ବୋଲି ଅବକାରୀ ବିଭାଗ କହିଛି। ଏଭଳି କାମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ରହିଛି।

# ‘ଆମ ସଂସ୍କୃତି ଓ ଆମ ଖେଳଣା’ କାର୍ଯ୍ୟକ୍ରମ

**ତୁଷୁରା, ୨୬।୩ (ସମିସ):** ଗୁଡ଼ଭେଲା ବ୍ଲକ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ନଅଗାଁ କଲୋନିପଡ଼ାରେ ‘ଆମ ସଂସ୍କୃତି ଓ ଆମ ଖେଳଣା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରଧ୍ୱଜ ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କାଉନସିଲର ମିତାଲି ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ କୁଳମଣୀ ନାଏକ ଏବଂ ସମ୍ମାନିତ ଅତିଥି ଭାବରେ ସିଆରସିସି ଜଗମୋହନ ତ୍ରିପାଠୀ, ଶିକ୍ଷକ ପୁରନ ମେହେର, ବେଣୁଧର ପୁଝାହାରୀ, ଧରଣୀଧର ଭୋଇ, ଶୋଭାକର୍ ସାହୁ, ସୁରଥ ବଗର୍ତ୍ତୀ ଯୋଗଦେଇଥିଲେ। ଏହି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରତ୍ୟେକ ବର୍ଷ ଆଦର୍ଶ, ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରୁଥିବାରୁ ଅତିଥିଗଣ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ୍ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ବେଣୁଧର ପୁଝାହାରୀ ଧନ୍ୟବାଦ୍ ଜ୍ଞାପନ କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୟୁଜିବି ଅଫିସର ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

## ଦାବିପୂରଣ ନହେଲେ କାର୍ଯ୍ୟବନ୍ଦ ଚେତାବନୀ





**ବଲାଙ୍ଗିର, ୨୬।୩(ସମିସ):** ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷ ଅଫିସର ଓ କର୍ମଚାରୀ ସଂଘର ଦାବିଗୁଡ଼ିକୁ ଅବିଳମ୍ବେ ପୂରଣ ନକଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସ୍ଥାନୀୟ ସାମ୍ବାଦିକ ଭବନରେ ସାମ୍ବାଦିକ ସମ୍ମିଳନୀରେ କର୍ମଚାରୀ ସଂଘ ସଭାପତି ଓ ଅଲ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ଫେଡେରେସନର ସାଧାରଣ ସମ୍ପାଦକ ପୁଲିନ ମିଶ୍ର ପ୍ରକାଶ କରିଛନ୍ତି। ଅଫିସର ସଂଘ ସାଧାରଣ ସମ୍ପାଦକ ପଦ୍ମଲୋଚନ ସାହୁ ପ୍ରାୟୋଜିତ ବ୍ୟାଙ୍କର ଆସୁଥିବା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ଯଦି କର୍ତ୍ତୃପକ୍ଷ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣନ୍ତି, ବ୍ୟାଙ୍କ ଓ ବ୍ୟାଙ୍କ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆସନ୍ତା ଏପ୍ରିଲ ୭ ଓ ୮ ତାରିଖ ଦିନ ସମସ୍ତ କର୍ମଚାରୀ ଓ ଅଫିସର ଦୁଇ ଦିନ କାର୍ଯ୍ୟ ବନ୍ଦ କରିବେ। ୧୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ସଂଘ ଗତ ୩୧-୧-୨୦୨୫ ଦିନ କର୍ତ୍ତୃପକ୍ଷଙ୍କୁ ୨୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ବିଧାୟକ

**କଣ୍ଟାବାଞ୍ଜି, ୨୬।୩(ସମିସ):** ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତିକରି ମାନବିକତାର ପରିଚୟ



ଦେଇଛନ୍ତି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ। ବିଧାୟକ ଶ୍ରୀ ବାଗ ମୁରିବାହାଲ ବ୍ଲକକୁ କୌଣସି କାମରେ ଯାଇଥିବା ବେଳେ ବ୍ଲକ ଅଧୀନ ପତ୍ରାପାଲି ଗାଁ ନିକଟରେ ୨ଜଣ ବ୍ୟକ୍ତି ବାଇକ୍‌ରେ ଆସୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ବାଇକ୍ ସମ୍ନାକୁ ବଳଦ ଆସିଯିବାରୁ ଦୁର୍ଘଟଣା ଘଟିବାରୁ ଆରୋହୀ ଗୁଲାବ ସାହୁ ଗୁରୁତର ହୋଇଥିବା ବେଳେ ଆଉଜଣେ ବ୍ୟକ୍ତି ସମାନ୍ୟ ଆହତ ହୋଇଥିଲେ। ବିଧାୟକ ସେହି ରାସ୍ତାରୁ ଆସୁଥିବା ବେଳେ ଗୁରୁତର ଗୁଲାବ ଓ ତାଙ୍କ ସହଯୋଗୀଙ୍କୁ ବଙ୍ଗୋମୁଣ୍ଡା ଡାକ୍ତରଖାନାକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଗୁରୁତରଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପଠାଇଛନ୍ତି। ବିଧାୟକଙ୍କ ଏପରି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଇଟାଭାଟିରେ ତହସିଲଦାରଙ୍କ ଚଢ଼ଉ



**କଣ୍ଟାବାଞ୍ଜି, ୨୬।୩ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଛି ବେଆଇନ ଇଟା ଭାଟି। ରାଜସ୍ୱ ବିଭାଗ ବିନା ଅନୁମତିରେ ଚାଲିଛି ଇଟା କାରବାର। ଯାହାଫଳରେ ସରକାର ରାଜସ୍ୱ ହରାଉଥିବା ଦେଖାଦେଉଛି। ସେହିପରି ବଙ୍ଗୋମୁଣ୍ଡା ତହସିଲ ଅଞ୍ଚଳରେ ରାଜସ୍ୱ ବିଭାଗକୁ ରୋୟାଲଟି ପଇଠ ନ ଚାଳିଥିବା ବେଆଇନ ଇଟା କାରଖାନାରେ ବୁଧବାର ବଙ୍ଗୋମୁଣ୍ଡା ତହସିଲଦାର ଜୋସ୍ନା ମାଝୀଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗର ଚଢ଼ଉ ହୋଇଛି। ବେଆଇନ ଇଟା କାରବାର ଉପରେ ୫୨ ହଜାର ଟଙ୍କା ରୋୟାଲଟି କଟାଯାଇଥିବା ଜଣାପଡ଼ିଛି।

# ସଡ଼କ ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ

**ବଲାଙ୍ଗିର, ୨୬।୩(ସମିସ):** ସଡ଼କ ଦୁର୍ଘଟଣାରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଇଟ୍ ନର୍ସିଂ କଲେଜର ଅଧ୍ୟାପକ ଦେବାଶିଷ ନାଏକ(୨୪)। ଗତ ସୋମବାର ଜଣେ ସାଙ୍ଗ ସହିତ ବାଇକ୍‌ରେ ଯାଉଥିବା ବେଳେ ଚନ୍ଦନଭାଟି ପାଖ ବାଦିଘୋରରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଓ ପରେ ବୁର୍ଲାକୁ ସ୍ଥାନାନ୍ତରିତ କରିଥିଲେ। ଅବସ୍ଥା ଗୁରୁତର ହେବାସହ ମଙ୍ଗଳବାର ରାତିରେ ତାଙ୍କର ବିୟୋଗ ଘଟିଛି। ପରଲୋକ ଖବର ପ୍ରକାଶ ପରେ ସାଇଟ୍ କଲେଜ ପରିସରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଥିଲେ।

# ମୃତ ଯୁବକଙ୍କ ଚକ୍ଷୁଦାନ



**କଣ୍ଟାବାଞ୍ଜି, ୨୬।୩ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରସ୍ଥିତ ରେଲୱେ ଫୁଟବଲ୍‌ଖେଳପଡ଼ିଆରେ ସାଙ୍ଗମାନଙ୍କ ସହିତ ଖେଳୁଥିବାବେଳେ ପଡ଼ିଯିବାରୁ ମୋହିତ କୱାଡ ନାମକ ଜଣେ (୩୦)ଯୁବକ ଚେତାଶୂନ୍ୟ ହୋଇଯାଇଥିଲେ। ସେଠାରେ ଥିବା ଅନ୍ୟ ଖେଳାଳିମାନେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ମୋହିତଙ୍କ ବିୟୋଗ ଖବର ଶୁଣି ପୂର୍ବତନ ସୈନିକ ଗିରିରାଜ ସିଂ ମାଝୀ ଶୋକ ପ୍ରକାଶ କରିଛନ୍ତି। ବୁଧବାର ଦିନ ପରିବାର ଲୋକେ ମୃତକଙ୍କ ଚକ୍ଷୁଦାନ କରିଥିବା ଜଣାପଡ଼ିଛି।

# ବନ୍ଧର ପୁନରୁଦ୍ଧାର ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ



**ବଲାଙ୍ଗିର, ୨୬।୩(ସମିସ):** ପୂର୍ବ ସରକାରଙ୍କ ସମୟରେ ବଲାଙ୍ଗିର ସହରରେ ଥିବା ପ୍ରତ୍ୟେକ ବନ୍ଧର ପୁନରୁଦ୍ଧାର ତଥା ବନ୍ଧ ପୋଖରୀ ତୁଠର ନବୀକରଣ ପାଇଁ ‘ଆମ ପୋଖରୀ ଯୋଜନା’ର ପ୍ରସ୍ତାବ ଗ୍ରହଣ କରିଥିବା ବେଳେ ବର୍ତ୍ତମାନର ସରକାରଙ୍କ ବୈମାତୃକ ମନୋଭାବ ପୋଷଣ ଯୋଗୁଁ କୌଣସି ପଦକ୍ଷେପ ନେଉନଥିବାରୁ ବନ୍ଧର ଅବସ୍ଥା ସଙ୍କଟାପର୍ଣ୍ଣ ରହିଥିବା ଦର୍ଶାଯାଇଛି। ୧୭ଟି ବନ୍ଧର ପୁନରୁଦ୍ଧାର ପାଇଁ ଏବେ ଅର୍ଥ ସାଜିଛି ବାଧକ। ଏନେଇ ପୌରପରିଷଦ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ବୁଧବାର ବଲାଙ୍ଗିର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇଙ୍କ ସହ ୨୧ ୱାର୍ଡର ସମସ୍ତ କାଉନସିଲର ଶମ୍ଭୁ ନାଗ, ନନ୍ଦିନୀ ପୋଡ଼, ଲଲାଟେନ୍ଦୁ ପଟ୍ଟନାୟକ, ସନ୍ତୋଷିନୀ କୁଅଁର, ଶତ୍ରୁଘ୍ନ ବାଗ, ପିଙ୍କି କବାଟ, ଗଙ୍ଗାଧର ଚାନ୍ଦ, ଇସ୍ମତ ଆରାଖାନ, କିଶୋର କୁମ୍ଭାର, ସଞ୍ଜୁଲତା ଦନ୍ତା, ପ୍ରତିମା ଛତ୍ରିଆ, ସସ୍ମିତା ନନ୍ଦ, ସରିତା ଦାସ, ରଜନୀ ବନଛୋର, ଅରବିନ୍ଦ ପରୁଆ, ପ୍ରଦୀପ ମିଶ୍ର, ପ୍ରେମଲତା ନାଏକ, ମହେନ୍ଦ୍ର ବାଗ, ଅଞ୍ଜଳୀ ସାହୁ ଓ ହରିଶଙ୍କର ଛତ୍ରିଆ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ସମସ୍ତ ସମସ୍ୟା ଜଣାଇଥିବା ବେଳେ ସରକାରଙ୍କ ଦୃଷ୍ଟିଆକର୍ଷଣ କରି ସମାଧାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ବିରେଶ୍ୱରପୁର ପଞ୍ଚାୟତ ଆମ୍ବଡାଳି ଗ୍ରାମର ଲକ୍ଷ୍ମଣ କୁମାର ହାଁସଦା ଓ ମୁନି ମୁର୍ମୁଙ୍କ ପୁଅ ସାଗର ହାଁସଦା, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି। ସେ ବିରେଶ୍ୱରପୁର ପଞ୍ଚାୟତର ଶିରିଡି ସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମ ଶ୍ରେଣୀ ପାସ୍ କରିଛନ୍ତି। ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଗର କୃତଜ୍ଞତା ଜଣାଇଛନ୍ତି।

# ମାହେଶ୍ୱରୀ ଜିଏନ୍‌ଏମ୍ କଲେଜର ବାର୍ଷିକ ପୂଜା

**ଟିଟିଲାଗଡ଼, ୨୬।୩ (ସମିସ):** ଟିଟିଲାଗଡ଼ରେ ମାହେଶ୍ୱରୀ ଜିଏନ୍‌ଏମ୍ ନର୍ସିଂ କଲେଜରେ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ପୂଜାରେ



ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଭାକର ମିଶ୍ର, ସହ ଧର୍ମିଣୀ ବୀଣାପାଣି ମିଶ୍ର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷ ପିଙ୍କୁ ସାହୁ, ଅଧ୍ୟାପିକା ଆଶାଲତା ଭୋଇ, ପ୍ରିୟଦର୍ଶନୀ ପ୍ରଧାନ, ଦେବବ୍ରତ ଛତର, ସୌମ୍ୟରଞ୍ଜନ ସାହୁ, ଗୋବିନ୍ଦ ସାହୁ, ପିତାମ୍ବର ନାଗ, ଅନୁପ ଭୋଇ, ଗୋବିନ୍ଦ ଚରଣ ପଟେଲ ଓ ଶ୍ରୀକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଡିଏଭି କଲେଜ ପ୍ରିନ୍‌ସିପାଲ ପ୍ରଣବ ପୁରୋହିତ, ଜିଲ୍ଲା ସମ୍ବାଦିକ ସଙ୍ଘର ସଭାପତି ଶିବିପ୍ରସାଦ ପରିଡ଼ା, ସମ୍ବାଦିକ ଦିଲୀପ ପୁରୋହିତ, ଦୀପକ ସମାଜଦାର, ମନୋଜ ଶତପଥୀ, ମାନସ ମହାନ୍ତି, ପଙ୍କଜ ଅଗ୍ରୱାଲ, ପ୍ରମୋଦ ପ୍ରଧାନ, ପ୍ରକାଶ ଗୋଏଲ, ଗୌରବ ରଥ, ଅଭିନାଶ ନନ୍ଦ, ଗାନ୍ଧମାର୍ଦନ ଆଇଟିଆଇର ପ୍ରଶିକ୍ଷଣ ଅଧିକାରୀ ଅଶୋକ ପାତ୍ର ଓ ହରେକୃଷ୍ଣ ଥାଟି ପ୍ରମୁଖ ଉପସ୍ଥିତ ଥିଲେ।

## ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସୋନପୁରକୁ ହରାଇ ଫାଇନାଲରେ ଭବାନୀପାଟଣା

ବଲାଙ୍ଗିର, ୨୬।୩(ସମିସ)



ମହାରାଜ ଆରଏନ୍ ସିଂହଦେଓ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ୧-୦ ଗୋଲରେ ସୋନପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା କ୍ରୀଡ଼ାବିତ ଅଜୟ ଦାଶ ଏବଂ ସମ୍ମାନିତ ଅତିଥିଭାବେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଜିଲ୍ଲା କ୍ରୀଡ଼ା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ସାମ୍ବାଦିକ ଅଖିଳଚନ୍ଦ୍ର ହୋତା ଯୋଗଦେଇଥିଲେ। କମିଟି ଉପସଭାପତି ଶମ୍ଭୁ ନାଗ ମଞ୍ଚାସୀନ ଥିଲେ। କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳକୁ ଦେବାଶିଷ ବାଗ, ସଞ୍ଜନ କୁଦେଇ, ନରସିଂସ୍ୱାମୀ ନାଇଡୁ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। କ୍ରୀଡ଼ା ସଂସଦର ଫୁଟବଲ୍ ସମ୍ପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳି ଟିକେଶ୍ୱର ଛତ୍ରିଆ ଓ ଜୟନାରାୟଣ ମେହେରଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରେଷ୍ଠ ଖେଳାଳି ଭାବେ ଭବାନିପାଟଣା ଦଳର ଭବାନୀ ଶଙ୍କର ବେଇମାଲଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ଗୁରୁବାର ବଲାଙ୍ଗିର ଜରାସିଂହା ବନାମ ବୌଦ୍ଧ ମଧ୍ୟରେ ଖେଳ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟିର ବରିଷ୍ଠ ସଦସ୍ୟ ବିଧୁଭୂଷଣ ତ୍ରିପାଠୀ ସୂଚନା ଦେଇଛନ୍ତି।

# ପରିତ୍ୟକ୍ତ କୂଅରେ ପଡ଼ି ଯୁବକ ଗୁରୁତର



ବଣାଇଁ, ୨୬।୩(ସମିସ): ବଣାଇଁ ବ୍ଲକ ଟିକାୟତ ପାଲି ଥାନା ବାଗଡ଼ିହି ଗ୍ରାମ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ରାମ କିସାନ ଗତକାଲି ସନ୍ଧ୍ୟାରେ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। ଶୌଚ ହୋଇ ଘରକୁଫେରୁଥିବାବେଳେଅନ୍ଧାରରେରାସ୍ତା ଠିକଭାବେ ଦେଖା ନ ଯିବାରୁ ଶୁଖିଲା ପତ୍ର ଉପରେ ଗୋଡ଼ ଖସି ଯାଇଥିଲା। ଫଳରେ ସେ ଏକ ପରିତ୍ୟକ୍ତ ଗଭୀର କୂଅରେ ଖସି ପଡ଼ିଥିଲେ। ରାମ ଘରକୁ ନ ଫେରିବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ପରେ ଗ୍ରାମ ନିକଟ କୂଅରୁ ଯୁବକଙ୍କ ପାଟି ଶୁଣି କୂଅରେ ପଡ଼ିଯାଇଥିବା ଜାଣି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ। ରାମ କିସାନଙ୍କୁ ପରେ ଆମ୍ବୁଲାନ୍ସ ଯୋଗେ ବଣାଇ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଦମକଳ ବାହିନୀ ମୁଖ୍ୟ ସୁଜୟ କୁମାର ହେମ୍ବ୍ରମ, ନାଥ ମିଞ୍ଜ, ତ୍ରିନାଥ ବେହେରା, ବିକାଶ ସାହୁ, କମଳ ମେହେର, ଦୁର୍ଯ୍ୟୋଧନ କିସାନ, ପ୍ରଭାତ ପ୍ରଧାନ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।

# ଧରାପଡ଼ିଲା ଲକ୍ଷାଧିକ ଟଙ୍କାର ଗଞ୍ଜେଇ, ବ୍ରାଉନ୍‌ସୁଗର୍

ରାଉରକେଲା, ୨୬।୩(ସମିସ)

ରାଉରକେଲା ପୁଲିସକୁ ଡ୍ରଗସ୍ ବିରୋଧୀ ଅଭିଯାନରେ ଆଜି ମିଳିଛି ବଡ଼ ସଫଳତା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଣ୍ଟ ସାଇଟ୍ ଥାନା ଏବଂ ଉଦିତନଗର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନ୍‌ସୁଗର୍ ଜବତ କରିବା ସହ ଏହି ଦୁଇଟି ଘଟଣାରେ

## ପିସ୍ତଲ ସହ ଗୁଳି ଓ ବାଇକ୍ ଜବତ

ପୁଲିସ ମୋଟ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ଲାଣ୍ଟସାଇଟ୍ ପୁଲିସ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ୍ ଗଞ୍ଜେଇ ଜବତ କରିଥିବା ବେଳେ ଉଦିତନଗର ଥାନା ପୁଲିସ ଲକ୍ଷାଧିକ ଟଙ୍କା ମୂଲ୍ୟର ବେଆଇନ୍ ବ୍ରାଉନ ସୁଗର ଜବତ କରିଛି। ଉଭୟ ଗଞ୍ଜେଇ, ବ୍ରାଉନ୍‌ସୁଗର୍ ସହ ପିସ୍ତଲ, ଗୁଳି, ବାଇକ୍, ସ୍କୁଟି ଆଦି ଜବତ କରାଯାଇଛି। ସୂଚନା ମୁତାବକ ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ ପକ୍ଷରୁ ଆଜି ସକାଳେ ବଣିଆଁ ଗେଟ୍ ନିକଟରେ ପେଟ୍ରୋଲିଂ କରାଯାଉଥିବା ବେଳେ ଦୁଇଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ପୁଲିସ କାବୁ କରିଥିଲେ। ସେମାନେ ସ୍କୁଟିରେ ଗଞ୍ଜେଇ ନେଇ ବିକ୍ରି କରିବାକୁ ଯାଉଥିଲେ। ଏହି ଘଟଣାରେ ଗୌତମ ମାହାଳିକ ଓ ରାକେଶ ଚୌଧୁରୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୧ କିଲୋଗ୍ରାମ ୧୨୦ ଗ୍ରାମ ଗଂଜେଇ ଜବତ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ୨ଟି ମୋବାଇଲ ଫୋନ ଜବତ କରିଥିଲେ।





## ଆଠ ଗିରଫ

ସେହିପରି ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗୋପବନ୍ଧୁପାଲି ବିଏସ୍‌ଏନ୍‌ଏଲ୍ ଛକରୁ ପ୍ରକାଶ ସ୍ୱାଇଁ ଓ ବଳିଧର ଲେଙ୍କା ଓରଫ ବାଜଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ କେଜି ୬୦୦ ଗଂଜେଇ ଜବତ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଥିଲେ। ସେହିପରି ଉଦିତନଗର ଥାନା ପୁଲିସ ବାସନ୍ତି କଲୋନୀ ଝରଣାବସ୍ତିର ମହମ୍ମଦ ସଲିମ ଶେଖ୍ ଓରଫ ଅମନ୍ (୨୫), ମାଲଗୋଦାମ ବସ୍ତିର ସୋହିଲ ଓରଫ ପିଗାଇ (୨୨), ବାସନ୍ତି କଲୋନୀର ଶନି ପ୍ରସାଦ(୨୭), ବିବେକ ସିଂହ ଓରଫ ବଛା (୨୯) ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୩.୩୫ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ବାଇକ୍ ସହ ଏକ ସ୍କୁଟି ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହି ସମସ୍ତ ଚଢଉ ପାନପୋଷ ଏସଡିପିଓ ଅମ୍ରିତ ମହାନ୍ତିଙ୍କ ନେତୃତ୍ୱରେ ପ୍ଲାଣ୍ଟସାଇଟ୍ ଥାନା ଓ ଉଦିତନଗର ଥାନା ପୁଲିସ କରିଥିବା ସୂଚନା ମିଳିଛି।

## ସେଲ୍ କର୍ପୋରେଟ୍ ଉତ୍କର୍ଷ ପୁରସ୍କାର

# ୧୧ଟି ବର୍ଗରେ ୨୫ କର୍ମଚାରୀ ସମ୍ମାନିତ




ରାଉରକେଲା, ୨୬।୩(ସମିସ): ନିଜସ୍ୱ ସମ୍ବଳର ସଦୁପଯୋଗ ଏବଂ କାର୍ଯ୍ୟଦକ୍ଷତାର ସ୍ୱୀକୃତି ସ୍ୱରୂପ, ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍‌ଫ) ମାର୍ଚ୍ଚ ୨୪ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ଏକ ପୁରସ୍କାର ସମାରୋହରେ ବର୍ଷ ୨୦୨୩ ଏବଂ ୨୦୨୪ର ଉତ୍କର୍ଷତା ପାଇଁ ସମ୍ମାନଜନକ କର୍ପୋରେଟ୍ ପୁରସ୍କାର ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ୧୧ଟି ବର୍ଗରେ ୨୫ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ ଘୋଷିତ ପୁରସ୍କାରରେ, ଗୁଣବତ୍ତା ବିଭାଗର ସିଜିଏମ୍ ରାମକୃଷ୍ଣ ପାତ୍ର ଆର୍‌ଏସ୍‌ପିର ଦକ୍ଷତା ଏବଂ ନବସୃଜନକୁ ଆଗେଇ ନେବାରେ ତାଙ୍କ ପ୍ରୟାସକୁ ସ୍ୱୀକୃତି ଦେଇ ଉତ୍ପାଦକତା ବିଶେଷଜ୍ଞ ଭାବରେ ମନୋନୀତ ହୋଇଛନ୍ତି। ବ୍ଲାଷ୍ଟ ଫର୍ଣ୍ଣେସର ପୂର୍ବତନ ସିନିୟର ଅପରେଟିଭ୍ ଏସ୍‌କେ ଭଞ୍ଜାଦେଓଙ୍କୁ ସେଲ୍‌ଫ କର୍ମବୀର ପୁରସ୍କାର ପାଇଁ ମନୋନୀତ କରାଯାଇଛି, ଯାହା ତାଙ୍କର କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବାରେ ଉତ୍ସର୍ଗୀକୃତ ଏବଂ କଠିନ ପରିଶ୍ରମକୁ ପ୍ରତିପାଦନ କରିଛି। ସେହିପରି ୨୦୨୩ -୨୪ ବର୍ଷ ପାଇଁ ପିପିସି ବିଭାଗର ସିଜିଏମ ସୁନିତା ସିଂହ, ସଂଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ଇସ୍ପାତ ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବାରେ ତାଙ୍କର ଭୂମିକା ପାଇଁ ମହିଳା ଟ୍ରେଲବ୍ଲେଜର ପୁରସ୍କାର ଲାଭ କରିଛନ୍ତି। ବିତ୍ତ ଓ ଲେଖା ବିଭାଗର ଜିଏମ ନେରେଲା କାମେଶ୍ୱର ରାଓଙ୍କୁ କଷ୍ଟ ଚାମ୍ପିଅନ ଏବଂ ଫାଇନାନ୍ସ ୱିଜାର୍ଡ ପୁରସ୍କାର ପାଇଁ ମନୋନୀତ କରାଯାଇଛି, ଯାହା ତାଙ୍କର ଅସାଧାରଣ ଆର୍ଥିକ ବୁଦ୍ଧିମତା ଏବଂ ମୂଲ୍ୟ ନିପୁଣତା ରଣନୀତିକୁ ସ୍ୱୀକାର କରିଛି। ଦିବ୍ୟାଙ୍ଗଜନ (ପିଡବ୍ଲ୍ୟୁଡି ବର୍ଗ) ପାଇଁ ରୋଲ୍ ମଡେଲ୍ ପୁରସ୍କାରରେ, ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ସିନିୟର ମ୍ୟାନେଜର ପ୍ରଦୀପ କୁମାର ମହାପାତ୍ରଙ୍କୁ ତାଙ୍କର ପ୍ରେରଣାଦାୟକ ଅବଦାନ ପାଇଁ ମନୋନୀତ କରାଯାଇଛି। ଏହା ସହିତ ଟି ଏଣ୍ଡ ଆରଏମ ବିଭାଗର ସିନିୟର ମ୍ୟାନେଜର ଧୀରଜ କୁମାର, ଆର୍‌ଏସ୍‌ପିର ପ୍ରତିଭା ଏବଂ ଗତିଶୀଳ ନେତୃତ୍ୱକୁ ସୁଦୃଢ଼ କରୁଥିବା ଯୁବ ଆଚିଭର୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।

# ସର୍ଗିଗଡ଼ରେ ଦିଶୁମ ବା’ ପରବ ଉଦ୍‌ଯାପିତ



କୋଇଡ଼ା, ୨୬।୩(ସମିସ): କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ସର୍ଗିଗଡ଼ ଗ୍ରାମଠାରେ ଆଦିବାସୀ ପାରମ୍ପରିକ ଦିଶୁମ୍ ବା’ ପରବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ସମାଜସେବୀ କୁଶ ଆପଟ ଯୋଗ ଦେଇଥିଲା ବେଳେ କୋଇଡ଼ା। ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ପୂର୍ବତନ ପାଟମୁଣ୍ଡା ସରପଞ୍ଚ ଅବିନାଶ ସୁମନ ବାଗେ, ମହେଶ୍ୱର ଘଣା, ଆନନ୍ଦ ବାରିକ, ବୁଧୁ ପାତ୍ର, ଗଣେଶ ଜୟସ୍ୱାଲ, ରୁଦ୍ରପ୍ରତାପ ଦେହୁରୀ, ପାତୁ ବାରିକ, ନାଲୁ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ହୋ ସମାଜ କମିଟି ପକ୍ଷରୁ ଆଦିବାସୀ ପାରମ୍ପରିକ ପରିଧାନ, ବାଦ୍ୟ ନୃତ୍ୟ ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚକୁ ପାଛଟି ନିଆଯାଇଥିଲା। ଏହାପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ଆପଟ ତାଙ୍କ ବକ୍ତବ୍ୟରେ ଏ ଅଞ୍ଚଳରେ ସଦା ସର୍ବଦା ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପାରମ୍ପରିକ ଓ ସାଂସ୍କୃତିକ ଆଦିବାସୀ ନୃତ୍ୟ ପରିବେଷଣ ସମସ୍ତଙ୍କୁ ବିମୋହିତ କରିଥିଲା।

# ଅଳିଆବୁହା ଗାଡ଼ି ଓଲଟି କର୍ମଚାରୀ ଗୁରୁତର

ବଣାଇଁ, ୨୬।୩ (ସମିସ): ବଣାଇଁ ପଞ୍ଚାୟତରେ ସଫେଇ ନିମନ୍ତେ ନିୟୋଜିତ ଥିବା ସଫେଇ ଗାଡ଼ି ଓଲଟି ଜଣେ କର୍ମଚାରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ସବୁଦିନ ଭଳି ଆଜି ମଧ୍ୟ ବଣାଇଁ ପଞ୍ଚାୟତର ସଫେଇ କର୍ମଚାରୀ ବିରତୁସ ଏକ୍କା (୫୫) ସଫେଇ ଗାଡ଼ି ନେଇ ବଣାଇଁ ସହରରେ ବୁଲି ବୁଲି ସଫେଇ କରୁଥିଲେ। ପରେ ଅଳିଆ ସବୁକୁ ଗାଡ଼ିରେ ଧରି



ଉପୁର୍ଡା ବ୍ରାହ୍ମଣୀ ନଦୀ କୂଳ ବାଲୁଘାଟ ନିକଟକୁ ଯାଉଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ତାଙ୍କ ଉପରେ ଓଲଟି ପଡ଼ିଥିଲା। ଫଳରେ ସେ ଗାଡ଼ି ତଳେ ଚାପି ହୋଇ ଯାଇଥିଲା। ଗୋଡ଼ରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠା ଯାଇଥିବା ଜଣାପଡ଼ିଛି। ତାଙ୍କ ଘର ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ କୁଣ୍ଡେଇଡିହା ବୋଲି ଜଣାପଡ଼ିଛି।

# ବିଶ୍ୱ ଯକ୍ଷ୍ମା ଦିବସରେ ଗଡ଼ିଲା ‘ନିକ୍ଷୟ ମିତ୍ର’

ରାଉରକେଲା, ୨୬।୩(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ଯକ୍ଷ୍ମା (ଟିବି) ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରା ଯାଇଥିବା ବେଳେ ଏହି ସେବା ଜିଲ୍ଲାର ୪୫୦୦ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଞ୍ଚିଥିବା ସୂଚନା ମିଳିଛି। ବେଦାନ୍ତ କମ୍ପାନୀ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାର ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ‘ନିକ୍ଷୟ ମିତ୍ର’ ନାମକ ଏକ ଯକ୍ଷ୍ମା ସଚେତନତା ଯାନକୁ ପତାକା ଦେଖାଇ କୋଇଲା ଖଣିର ସିଇଓ ଶ୍ରୀ



ଡାଭିଡ ଷ୍ଟୋନ ଶୁଭାରମ୍ଭ କରିଥିଲେ। ଏହାବ୍ୟତୀତ, କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚ୍‌ୟୁ) ପକ୍ଷରୁ ଯକ୍ଷ୍ମା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ରୋଗୀମାନଙ୍କ ପାଇଁ ଶୀଘ୍ର ଚିହ୍ନଟ, ନିରାକରଣ, ପୁଷ୍ଟିକର ମାର୍ଗଦର୍ଶନ ଏବଂ ଉପଲବ୍ଧ ସରକାରୀ ସୁବିଧାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଯକ୍ଷ୍ମା ମୁକ୍ତ ଭାରତ’ ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ଆହ୍ୱାନ ଅନୁଯାୟୀ କମ୍ପାନୀ ଏହି ଅଞ୍ଚଳରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ପ୍ରତି ମଧ୍ୟ ନିଜର ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଛି। ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମାକୁ ଦୂର କରିବା ପାଇଁ ‘ନିକ୍ଷୟ ମିତ୍ର’ କାର୍ଯ୍ୟକ୍ରମ ହେଉଛି।

ଏହି ଅବସରରେ କୋଇଲା ଖଣିର ସିଇଓ ଶ୍ରୀ ଡାଭିଡ ଷ୍ଟୋନ କହିଥିଲେ, ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା ଏବଂ ଯକ୍ଷ୍ମା ସହ ଜଡ଼ିତ କଳଙ୍କ ଦୂର କରିବା ଲକ୍ଷ୍ୟ ରଖାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଲୋକଙ୍କ ଘର ନିକଟରେ ସେବା ଏବଂ ସ୍ୱାସ୍ଥ୍ୟ ଶିବିର ପାଇଁ ‘ନିକ୍ଷୟ ମିତ୍ର ବାହାନ’ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଭଳି ପଦକ୍ଷେପ ଗ୍ରହଣ କରିଛୁ ବୋଲି କହିଥିଲେ। ଏହି ଅବସରରେ ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ର ଚିକିତ୍ସା ଅଧିକାରୀ ଡାକ୍ତର ଅଭିଳାଷ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଯକ୍ଷ୍ମା ସଚେତନତା ଅଭିଯାନ ଯକ୍ଷ୍ମାର ଶୀଘ୍ର ନିରାକରଣ ଏବଂ ଚିକିତ୍ସା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ

# ଅଭିଜିତଙ୍କ ଗୀତରେ ଝୁମିଲେ ଦର୍ଶକ

ବଣାଁଇ, ୨୬।୩(ସମିସ)

ଆଦିବାସୀ ସାଂସ୍କୃତିକ କଳା ପରିଷଦର ପଞ୍ଚଦଶତମ ପ୍ରସିଦ୍ଧ ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଣାଇଁ ମାଟିର ଉତ୍କୃଷ୍ଟ କଳା ସଂସ୍କୃତି ଓ ଗାଁ ଗାଁରେ ଥିବା କୀର୍ତ୍ତନ ମଣ୍ଡଳୀର ପ୍ରଶଂସା କରିଥିଲେ। ଖଣ୍ଡାଧାର ମହୋତ୍ସବ ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଖଣ୍ଡାଧାର ମହୋତ୍ସବର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ଅଧୀକ୍ଷକ ସୁମନ ଦତ୍ତ, ସୁନ୍ଦରଗଡ଼ ଜିଲ୍ଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଣାଇଁର କଳା ସଂସ୍କୃତି, ଲୋକଗୀତ, ନୃତ୍ୟ ସହ ଓଡ଼ିଶାର ମହାନ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଖଣ୍ଡାଧାର ମହୋତ୍ସବ ମାଧ୍ୟମରେ ଦୀର୍ଘ ୧୫ ବର୍ଷ ଧରି ଆଦିବାସୀ ସାଂସ୍କୃତିକ କଳା ପରିଷଦର ସଦସ୍ୟମାନେ ଅହରହ ଉଦ୍ୟମ କରି ଆସିଛନ୍ତି ବୋଲି କହିଥିଲେ।

ଚଳିତ ବର୍ଷ ଖଣ୍ଡାଧାର ମହୋତ୍ସବ ସର୍ବୋଚ୍ଚ ସମ୍ମାନ ଷ୍ଟଲ ୱାର୍ଟ ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଶରତ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଶଙ୍କରାଚାର୍ଯ୍ୟ ମଠ ଆନନ୍ଦ ବାହିନୀ ସଂଯୋଜିକା ତଥା



ବାଘୁଆ ମଠ ଗୋଶାଳାର ମୁଖ୍ୟ ଗୋ ସେବିକା ସୁଶ୍ରୀ ଚିନ୍ମୟୀ ଦେଓଙ୍କୁ ସେବା ସମ୍ମାନ, ବ୍ୟଙ୍ଗ କବି ଓ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡାଙ୍କୁ କବି, ଲେଖକ ତଥା ନିର୍ଦ୍ଦେଶକ ସ୍ୱର୍ଗତ ରମେଶ ଚନ୍ଦ୍ର ବେହେରା ସ୍ମୃତି ସମ୍ମାନ ଏବଂ ‘ସକାଳ’ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକଙ୍କୁ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଦିଲ୍ଲୀପ ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଭାବେ ଆଶିଷ ଖମାରୀ, ଯୁବ କବି ତ୍ରିନାଥ ସିଂ, ଓଡ଼ିଆ ଅଧ୍ୟାପିକା, ତଥା ଗାଳ୍ପିକା ପ୍ରଣତି ବେହେରା, ଗାଳ୍ପିକ ଶିବାଶିଷ ପାଢ଼ୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନ୍ତର୍ଯ୍ୟାମୀ ରଣାଙ୍କ ସମ୍ପାଦିତ ଖଣ୍ଡାଧାର ମହୋତ୍ସବର ମୁଖପତ୍ର ‘ନିନାଦ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆଦିବାସୀ ସାଂସ୍କୃତିକ କଳା ପରିଷଦର ସମ୍ପାଦକ ଧୀରଜ କୁମାର ସାହୁ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ପ୍ରଭାତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସୁନ୍ଦର ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ କୁମାର ଗୌତମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଶା ପ୍ରଖ୍ୟାତ ସଙ୍ଗୀତଜ୍ଞ, ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଏବଂ ତାଙ୍କ ‘ସୁର ତାଳ’ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ପୁରୁଣା ସିନେ ସଙ୍ଗୀତରେ ଗାୟନରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ ଦର୍ଶକ। ଏତଦ୍‌ବ୍ୟତୀତ କଳାହାଣ୍ଡିର କଟାପ୍ପା ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦର୍ଶକମାନଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ବିରଜା ପ୍ରସାଦ ମାହାନ୍ତି, ଆଲୋକ କୁମାର ମିଶ୍ର, ଚିନ୍ମୟ କୁମାର ତ୍ରିପାଠୀ, ସିରାଜ ଖାନ, ଶିବ ପ୍ରସାଦ ରାଉତ, ନାରାୟଣ ବେହେରା, ହବିବ ଖାନ, ପ୍ରମୁଖ କମିଟିର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଏହି ତିନି ଦିନିଆ ଖଣ୍ଡାଧାର ସୁରୁଖୁରୁରେ ସମ୍ପାଦିତ ହୋଇଥିଲା।

# ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ରାଉରକେଲା, ୨୬।୩(ସମିସ): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ର କ୍ରୀଡ଼ା ୟୁନିଟ୍ ଦ୍ୱାରା ଆୟୋଜିତ ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍-୨୦୨୫ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ଟିଏ ଏଣ୍ଡ ସିଏସ୍‌ଆର୍ ବିଭାଗର ସିଜିଏମ୍ ପ୍ରତାପ କୁମୀର ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିଜୟ କୁମାର ଜୋଜୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ବିଜେତା ଏବଂ ରନର୍ସ ଅପ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସହର ସେବା ଓ କ୍ରିଡା ବିଭାଗର ଜିଏମ୍ ଇନଚାର୍ଜ ଟି ଜି କାନେକର, ଏ ଓ ସି ଏ ର ପୂର୍ବତନ ସଭାପତି ଜି ସି ମହାପାତ୍ରଙ୍କ ସମେତ ଆର୍‌ଏସ୍‌ପିର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଗଜପତି ଜିଲ୍ଲାର କାର୍ଜୀ ମନୀନ୍ଦ୍ର ଚାମ୍ପିଅନ ହୋଇଥିଲେ। ଗଜପତି ଜିଲ୍ଲାର ବାଦାମୁଣ୍ଡିର ତପନ ପ୍ରଥମ ରନର୍ସ-ଅପ୍ ହୋଇଥିବା ବେଳେ ଯାଜପୁର ଜିଲ୍ଲାର ସୁମିତ ସାମନ୍ତରାୟ ସାମଗ୍ରିକ ଇଭେଣ୍ଟର ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଇଭେଣ୍ଟ-ବି ବର୍ଗରେ ରାଉରକେଲାର ଦେବପ୍ରିୟା ବିଶ୍ୱାଳ ବିଜେତା ହୋଇଥିଲେ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର




ସାର୍ଥକ ମହାନ୍ତି ଏବଂ ଗଞ୍ଜାମ ଜିଲ୍ଲାର ହୃଦେଶ ପାଣିଗ୍ରାହୀ ଯଥାକ୍ରମେ ରନର୍ସ-ଅପ୍ ଏବଂ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଉଭୟ ବର୍ଗରେ ୫ ଏବଂ ୧୫ ବର୍ଷରୁ କମ୍ ସମସ୍ତ ବର୍ଗର ବିଜେତା ଏବଂ ରନର୍ସ-ଅପ୍ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, କଳାହାଣ୍ଡି ଜିଲ୍ଲାର ରବୀନ୍ଦ୍ର ସାହୁ ଭେଟେରାନ୍ ବର୍ଗର ବିଜେତା ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାର ହେମନ୍ତ କୁମାର ପାଣିଗ୍ରାହୀ ରନର୍ସ-ଅପ୍ ହୋଇଥିଲେ। ଏହି ଇଭେଣ୍ଟରେ ରାଉରକେଲାର ଶ୍ରେଷ୍ଠ ୩ ର୍‌ୟାଙ୍କଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ର୍‌ୟାଙ୍କଧାରୀ ଏବଂ ବିଜେତାଙ୍କ ମଧ୍ୟରେ ୮ ୫ ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୪୦ ଜଣ ଖେଳାଳି ଏହି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ମ୍ୟାଚଟି ବାଳକ ଏବଂ ବାଳିକା ପାଇଁ ୫ ବର୍ଷରୁ କମ୍, ୬ ବର୍ଷରୁ କମ୍, ୭ ବର୍ଷରୁ କମ୍, ୮ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୦ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୪ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ବର୍ଗ ପାଇଁ ପ୍ରଯୁଜ୍ୟ ଥିବା ସହିତ ଭେଟେରାନ ବର୍ଗରେ ମଧ୍ୟ ଖେଳାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

ସକାଳ THE SAKALA



# ଜୁଏଲାରୀ ଦୋକାନରୁ ସୁନା, ରୁପା ଅଳଙ୍କାର ଚୋରି

**ସୁନ୍ଦରଗଡ଼,୨୬।୩(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ରଙ୍ଗାଢିପାସ୍ଥିତ ରାଧିକା ଜୁଏଲାରୀ ଦୋକାନରୁ ଚୋରି ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ଦୋକାନ ତାଲା ଭାଙ୍ଗି ୧୫୦ ଗ୍ରାମ ସୁନା ଓ ପ୍ରାୟ ୧ କିଲୋ ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଛି। ଦୋକାନ ମାଲିକ ସତୀଶ କୁମାର ସ୍ୱର୍ଣ୍ଣକାର ଆଜି ସକାଳୁ ଦୋକାନ ଖୋଲିବାକୁ ଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଥାନାରେ ଏତଲା ଦେଇଛନ୍ତି।




ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ଦୋକାନର ସିସିଟିଭି ଭାଙ୍ଗି ଦେଇଥିବାରୁ ପୁଲିସ ଅଞ୍ଚଳର ଅନ୍ୟ ସିସିଟିଭିରୁ ଫୁଟେଜ୍ ସଂଗ୍ରହ କରି ଯାଞ୍ଚ କରୁଛି। ଦୋକାନ ମାଲିକ ଶ୍ରୀ ସ୍ୱର୍ଣ୍ଣକାରଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତନାଘନା ଚଳାଇଛି।

# ଜମି ନକ୍ସା ପ୍ରସ୍ତୁତି ପାଇଁ ଲାଞ୍ଚ; ଅମିନ ଗିରଫ

**ସୁନ୍ଦରଗଡ଼/କୁତ୍ରା,୨୬।୩(ସମିସ)**

ଜମି ଭାଗ ପାଇଁ ନକ୍ସା ପ୍ରସ୍ତୁତି ସକାଶେ ଜଣେ ଗରିବ ବ୍ୟକ୍ତିଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ କୁତ୍ରା ତହସିଲର ଅମିନ ଶିଶିର କୁମାର ନାଏକ ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କୁତ୍ରା ମାଲୁପଡ଼ାର ବିଶ୍ରାମ ଲାକ୍ରାଙ୍କ ସମସ୍ତ ଭାଇମାନଙ୍କ ଜମି ଯୁଗ୍ମ ଖତିୟାନରେ ରହିଛି। ଏଣୁ ସମସ୍ତ ଭାଗିଦାରୀଙ୍କ ସ୍ୱତନ୍ତ୍ର ଖତିୟାନ ପାଇଁ ସେ ଆବେଦନ କରିଥିଲେ। କୋର୍ଟର ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଖତିୟାନ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥିଲା।



ଏଥିସକାଶେ ଜମି ନକ୍ସାର ଆବଶ୍ୟକତା ରହିଥିବାରୁ ବିଶ୍ରାମ ସଂପୃକ୍ତ ଅମିନ ଶିଶିରଙ୍କୁ ନକ୍ସା ପ୍ରସ୍ତୁତି ପାଇଁ ଅନୁରୋଧ କରିଥିଲେ। ତେବେ ଅମିନ ଜଣକ ଉକ୍ତ ନକ୍ସା ପ୍ରସ୍ତୁତି ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବିଶ୍ରାମ ଗରିବ ବ୍ୟକ୍ତି ହୋଇଥିବାରୁ ଏତେ ଟଙ୍କା ଦେବାକୁ ତାଙ୍କ ସାମର୍ଥ୍ୟ ନାହିଁ ବୋଲି ଯେତେ କାକୁତି ମିନତି ହୋଇଥିଲେ ହେଁ ସେ ତାଙ୍କ କଥା ଶୁଣି ନ ଥିଲେ।

ଶେଷରେ ୬ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହା ବିଶ୍ରାମଙ୍କୁ ବେଶ ବାଧିଥିଲା। ସେ ଉକ୍ତ ଲାଞ୍ଚୁଆ ଅମିନଙ୍କୁ ଧରାଇବାକୁ ଯୋଜନା କରି ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଉକ୍ତ ଅମିନଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ଆଜି ବିଶ୍ରାମ ସଂପୃକ୍ତ ଅମିନଙ୍କୁ ଭିଜିଲାନ୍ସର ରସାୟନିକ ପ୍ରଲେପ ବୋଳା ୬ ହଜାର ଟଙ୍କା ଲାଞ୍ଚ ଆକାରରେ ପ୍ରଦାନ କରୁଥିବାବେଳେ ଘଟଣାସ୍ଥଳରେ ପୂର୍ବରୁ ଛକି ରହିଥିବା ଦୁର୍ନୀତି ନିବାରଣ ଅଧିକାରୀମାନେ ତାଙ୍କୁ କାବୁ କରି ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଅଭିଯୁକ୍ତଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତକୁ ଚାଲାଣ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ବେଲମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ





**ବାଲିଶଙ୍କରା,୨୬।୩(ସମିସ):** ବାଲିଶଙ୍କରା ବ୍ଲକ୍ ତିଲେଇକାନୀ ପଞ୍ଚାୟତ ବେଲମୁଣ୍ଡା ଗ୍ରାମର ବେଲମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଜ୍ୟୋତ୍ସ୍ନା ରାଣୀ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲିଶଙ୍କରା ବ୍ଲକ ବିଇଓ ସରୋଜା ଲକ୍ଷ୍ମୀ ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ (ଖ) ଜୋନ ବିନୋଦ କୁଜୁର, ସୁରେଶ ମିଞ୍ଜ, ସିଆରସିସି ତୁଲାରାମ ପଟେଲ, ସମାଜସେବୀ ସିଲବାନୁ ଟପ୍ପୋ, ବିଲିୟାମ ମିଞ୍ଜ, ବିନୟ ପ୍ରକାଶ ମିଞ୍ଜ, ନେଲସନ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ସରପଞ୍ଚ ମ୍ୟାକ୍ସିମୁସ ବାର୍ଲା ତୁଲାଇଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଜଗଦୀଶ ଓରାମ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ପରିବେଷଣ କରାଯାଇଥିଲା। କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଯଦୁମଣି ଓରାମ, ଶିକ୍ଷୟିତ୍ରୀ ରଶ୍ମି ବାର୍ଲା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସିଆରସିସି ତୁଲାରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

● ବିଶ୍ୱ କପ୍ ସିପକଟାକ୍ରୋ ପ୍ରତିଯୋଗିତା

# ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକଙ୍କ ଯୋଗଦାନ

**ସୁନ୍ଦରଗଡ଼,୨୬।୩(ସମିସ):** ବିହାର ରାଜ୍ୟ ପାଟଣା ପାଟଳୀପୁତ୍ର ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ବିଶ୍ୱ କପ୍ ସିପକଟାକ୍ରୋ ପ୍ରତିଯୋଗିତାକେ ଓଡିଶା ରାଜ୍ୟ ସିପକଟାକ୍ରୋ ସଂଘର ସଧାରଣ ସମ୍ପାଦକ ପୃଥିରାଜ ସାହୁଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ ଜିଲ୍ଲା ସିପକଟାକ୍ରୋ ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଛନ୍ତି। ସେଠାରେ ଶ୍ରୀ ଷଡ଼ଙ୍ଗୀ ସିପକଟାକ୍ରୋ ଫେଡେରେସନ ଅଫ ଇଣ୍ଡିଆର ସଭାପତି ଯୋଗେନ୍ଦର ସିଂ ଦହିୟାଙ୍କ ସହିତ ସାକ୍ଷାତ କରି ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଇଣ୍ଡିଆ ପୁରୁଷ ଦଳ ରେଗୁ ଇଭେଂଟରେ ଜାପାନ ଦଳକୁ ୨/୧ ରେ ହରାଇ ବିଶ୍ୱ ଚମ୍ପିୟାନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମହିଳା ଦଳ ରେଗୁ ଇଭେଂଟରେ ଚତୁର୍ଥ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଥିଲେ।

ପ୍ରତିଯୋଗିତାରେ ଜାପାନ, ସିଙ୍ଗାପୁର, ଇରାନ, ନେପାଲ, ଥାଇଲାଣ୍ଡ , ଭିଏତନାମ, ସିଙ୍ଗାପୁର, ମାଲେସିଆ, ପୋଲାଣ୍ଡ, ଶ୍ରୀଲଙ୍କା, ଫ୍ରାନ୍ସ, ଇଣ୍ଡୋନେସିଆ, ଇଟାଲୀ, ସୁଇଜଲ୍ୟାଣ୍ଡ, ଚୀନ ପ୍ରମୁଖ ଦେଶ ଗୁଡିକରୁ ଖେଳାଳିମାନେ ଭାଗ ନେଇଥିଲେ। ଓଡ଼ିଶାରୁ ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ ଏବଂ ରାମ ଚନ୍ଦ୍ର ବାରିକ ଯୋଗଦେଇ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସୁନ୍ଦରଗଡ ଜିଲ୍ଲା ସିପକଟାକ୍ରୋ ସମ୍ପାଦକ ଶ୍ରୀ ଷଡ଼ଙ୍ଗୀ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସାହୁଙ୍କ ଅନୁରୋଧ କ୍ରମେ ସୁନ୍ଦରଗଡ ଜିଲ୍ଲାରେ ଭବିଷ୍ୟତରେ ଜାତୀୟ ସ୍ତରୀୟ ସିପକ୍‌ଟାକ୍ରୋ ପ୍ରତିଯୋଗିତା କରାଯିବ ବୋଲି ଇଣ୍ଡିଆ ସଭାପତି ଶ୍ରୀ ଦହିୟା ପ୍ରତିଶୃତି ଦେଇଛନ୍ତି।




# ଭଷ୍ମା ଥାନାରେ ନୂଆ ଆଇଆଇସିଙ୍କ ଯୋଗଦାନ

**ସୁନ୍ଦରଗଡ଼,୨୬।୩(ସମିସ):** ଭଷ୍ମା ଥାନା ଆଇଆଇସି ଭାବେ ଇନ୍ସପେକ୍ଟର ସୁଶାନ୍ତ କୁମାର ପରିଡା ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଦାୟୀ ଆଇଆଇସି ଅଶୋକ କୁମାର ଦାଶଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଶ୍ରୀ ପରିଡ଼ା ସବ୍ ଇନ୍ସପେକ୍ଟରରୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇବା ପରେ ପ୍ରଥମେ କୁତ୍ରା ଥାନା ଆଇଆଇସି ଭାବେ ଯୋଗ ଦେଇ ପ୍ରାୟ ପାଞ୍ଚବର୍ଷ କାଳ ସଫଳତାର ସହ ଦାୟିତ୍ୱ ତୁଲାଇ ଥିଲେ। ଏହା ପରେ ସେ ସୁନ୍ଦରଗଡ ଟାଉନ ଥାନା ଆଇଆଇସି ଭାବେ ମଧ୍ୟ ନିଜ ଦକ୍ଷତା ପ୍ରମାଣିତ କରିଥିବା ବେଳେ ଗତ ସାଧାରଣ ନିର୍ବାଚନ ସମୟରେ କେନ୍ଦୁଝର ପୁଲିସ ଜିଲ୍ଲାକୁ ତାଙ୍କ ବଦଳି ହୋଇଥିଲା। ନିର୍ବାଚନ ପରେ ସେ ପୁଣି ସୁନ୍ଦରଗଡ଼ ପୁଲିସ ଜିଲ୍ଲାକୁ ପ୍ରତ୍ୟାବର୍ତ୍ତନ କରି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯୋଗ ଦେଇଥିଲେ। ଶ୍ରୀ ପରିଡ଼ାରେ ଭଷ୍ମା ଥାନାରେ ଯୋଗଦାନ ପରେ ଉକ୍ତ ଥାନା ଅଂଚଳରେ ହେଉଥିବା ବ୍ୟାପକ ବାଲି ଚୋରି, କୋଇଲା ଚୋରା ଚାଲାଣ,ଅବାଧ ମଦ ବିକ୍ରୀ ଆଦିରେ ହ୍ରାସ ପାଇବ ବୋଲି ଆଶା କରା ଯାଉଛି।

# ସ୍କୁଟିକୁ ପିଟିଲା ଟ୍ରକ୍; ଜଣେ ମୃତ

**ରାଉରକେଲା,୨୬।୩(ସମିସ):** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଓଭର ବ୍ରିଜ ଉପରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଅପରାହ୍ନ ସାଢେ ୪ଟାରେ ଏକ ସ୍କୁଟିରେ ଦୁଇ ଜଣ ବେଦବ୍ୟାସ କୁଆଁରମୁଣ୍ଡା ରୋଡରେ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ସ୍କୁଟିକୁ ପିଟି ଦେଇଥିଲା। ଫଳରେ ସ୍କୁଟିରେ ଥିବା ଦୁଇ ଜଣ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସେକ୍ଟର - ୯ ଅନ୍ତର୍ଗତ ଦହିପୋଷ ନିବାସୀ ସୁନିଲ ମିଂଜଙ୍କ ପୁଅ ଉପେଶ ମିଂଜ (୧୭) ଓ ସେକ୍ଟର - ୨ ଅଞ୍ଚଳର ପ୍ରେମ ଗୋପ (୧୩) ଦୁଇ ଜଣ ଏକ ସ୍କୁଟରରେ କୁଆଁରମୁଣ୍ଡା ଆଡୁ ରାଉରକେଲା ପଟକୁ ଆସୁଥିଲା ବେଳେ ବେଦବ୍ୟାସ ଫ୍ଲାଏ ଓଭର ବ୍ରିଜ ଉପରେ ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନାରେ ଡାକ୍ତର ଉପେଶ ମିଂଜଙ୍କୁ ମୃତ ଘୋଷଣା କରିଥିଲେ। ପ୍ରେମ ଗୋପଙ୍କ ଅବସ୍ଥା ଉଦବେଗଜନକ ରହିଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ବ୍ରାହ୍ମଣୀତରଙ୍ଗ ପୁଲିସ ପହଞ୍ଚି ତଦନ୍ତ କରୁଛନ୍ତି।

# କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସୁନ୍ଦରଗଡ଼ ଗସ୍ତ



**ସୁନ୍ଦରଗଡ଼,୨୬।୩(ସମିସ):** ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ତଥା ସୁନ୍ଦରଗଡ଼ ଜିଲ୍ଲା ପାଇଁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ ଭାସ୍କର ଜ୍ୟୋତି ଶର୍ମା ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ଅର୍ନ୍ତଗତ ପ୍ରକଳ୍ପ ଆଦି ବୁଲି ଦେଖିବା ସହିତ ବିଭାଗୀୟ ଅଧିକାରୀ ଏବଂ ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲା ସ୍ଥିତ ଲମ୍ବୋଦର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ତଦାରଖ କରିବା ସହ ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏବଂ ହଷ୍ଟେଲ ମଧ୍ୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ରେଙ୍ଗାଲବୁଡ଼ଠାରେ ସୋଲାର ଯୁକ୍ତ ସାର୍ବଜନୀନ ଜଳ ପ୍ରଣାଳୀ କାର୍ଯ୍ୟର ତଦାରଖ କରି ସ୍ଥାନୀୟ ଅଧିବାସୀଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କନ୍ଦାବାହାଲ ଅଙ୍ଗନଓବାଡ଼ି କେନ୍ଦ୍ର ପରିଦର୍ଶନ, ସୁଭଦ୍ରା ଯୋଜନାର ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବା ବେଳେ ସଦର ବ୍ଲକ୍ ଦ୍ୱାରା ଆୟୋଜିତ ଭୀମ ଭୋଇ ସାମର୍ଥ୍ୟ ଶିବିର ରେ ଯୋଗ ଦେଇ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି କିରେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ କରି ସାମାଜିକ ସୁରକ୍ଷା ଯୋଜନା, ଜାତୀୟ ଖାଦ୍ୟ ନିରାପତା ଆଇନ ଏବଂ ରାଜ୍ୟ ଖାଦ୍ୟ ନିରାପତା ଆଇନ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ର ହିତାଧିକାରୀ ମାନଙ୍କ ସହ କଥାବାର୍ତା ହୋଇଥିଲେ। ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ହସ୍ପିଟାଲର ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରି ଇନ୍‌ଡୋର ଏବଂ ଆଉଟଡୋର ରୋଗୀ, ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ମାନଙ୍କ ସହ ଆଲୋଚନା କରିଥିଲେ । ଔଷଧ ବଣ୍ଟନ କେନ୍ଦ୍ର ନିରାମୟ ନିରୀକ୍ଷଣ କରିଥିଲେ ଏବଂ ପୁନର୍ବାସ କେନ୍ଦ୍ର ଓ ଫିଜିଓଥେରାପି କେନ୍ଦ୍ର ବୁଲି ଦେଖି ଥିଲେ। ରଙ୍ଗାଢ଼ିପାସ୍ଥିତ ମା' ଲକ୍ଷ୍ମୀ ପ୍ରଡ୍ୟୁସର୍ ଦଳ ଦ୍ୱାରା କରାଯାଇଥିବା ସ୍ପିରୁଲିନା ଚିକି ପ୍ରସ୍ତୁତିର ତଦାରଖ କରିଥିଲେ। ଦଳର ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ଆସ୍ଥା ଗୃହ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ସହ ଆଲୋଚନା କରିଥିଲେ। ଲୁହୁରାଢ଼ିପା ସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଓ ସାର୍ଥକ ସ୍କୁଲ ପରିଦର୍ଶନ କରିଥିଲେ। ସେହିପରି ଯୋଗୀମାଲସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିବା ସହିତ କୋଚ ଏବଂ କ୍ରୀଡାବିତ୍‌ମାନଙ୍କ ସହ କିଛି ସମୟ କଟାଇଥିଲେ।

ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମାଙ୍କ ଏହି ଗସ୍ତ ସମୟରେ ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ସୁନ୍ଦରଗଡ଼ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲାର ପ୍ରକଳ୍ପ ଅଚଳ, ପାଣି ପାଇଁ ହନ୍ତସନ୍ତ

**ସୁବଳୟା, ୨୬।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରସାଇ ମେହେର ପଡ଼ାଠାରେ ପାନୀୟଜଳ ନେଇ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ରାଜ୍ୟରେ ସରକାର ଘର ଘର ଜଳ ନାରା ଦେଉଛନ୍ତି। ଏଠାରେ ଦୁଇଟି ୱାର୍ଡର ଜନସାଧାରଣ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥାନ୍ତି। ଆଜିକୁ ବହୁଦିନ ହେବ ଏହି ସୋଲାର ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଥିବାରୁ ନିର୍ଭର କରୁଥିବା ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ମରାମତି ହୋଇପାରୁନାହିଁ। ଫଳରେ ସ୍ଥାନୀୟ ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ସୌର ପ୍ରକଳ୍ପ ମରାମତି ପାଇଁ ଦାବି ହେଉଛି।



# ଡିଏଭି ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**ସୁନ୍ଦରଗଡ଼,୨୬।୩(ସମିସ):** ଛଟେନପାଲିସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏମ୍‌ସିଏଲ୍‌ର ମହାଲକ୍ଷ୍ମୀ ଏରିଆର ପ୍ରୋଜେକ୍ଟ ଅଫିସର୍ ଅଶୋକ କୁମାର ଓଝା ଓ ତାଙ୍କ ପତ୍ନୀ ଅର୍ଚ୍ଚନା ଓଝା ମୁଖ୍ୟ ଅତିଥି ଭାବେ ଏହାର ଶୁଭ ଉଦ୍‌ଘାଟନ କରବା ସହିତ ବିଦ୍ୟାଳୟର ଉତରୋତ୍ତର କାମନା କରିଥିଲେ । ଡି.ଏ.ଭି. ଜୋନ୍-ଏ ର ରିଜିଓନାଲ ଅଫିସର୍ ଲୋକନାଥ ପ୍ରଧାନ ଓ ତାଙ୍କ ପତ୍ନୀ ମାନସୀ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ମାତ୍ର ଚାରି ବର୍ଷ ମଧ୍ୟରେ ବିଦ୍ୟାଳୟ୍‌ର ଉନ୍ନତିର ଭୂୟସୀ ପ୍ରଶଂସା କରିବା ସହ ବିଦ୍ୟାଳୟର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇ ଥିଲେ। ଏମ୍. ସି.ଏଲ୍.ର ଇଲେକ୍ଟ୍ରିକାଲ୍ ଡିପାର୍ଟମେଂଟର ଦିନେଶ କୁମାର ସିଂହ, ପର୍ସନାଲ୍ ଡିପାର୍ଟମେଣ୍ଟର ମିତ୍ରଭାନୁ ପଟେଲ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ବିଦ୍ୟାଳୟ ବଦ୍ଧ ପରିକର ଥିବା ଉଲ୍ଲେଖ କରି ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ଯଶବିନ୍ଦର କୌର, ବସୁନ୍ଧରାର ରାଜେନ୍ଦ୍ର କୁମାର ବେଦ୍ ବାକ୍, ରୀନା ମହାପାତ୍ର, ସୁଶାନ୍ତ କୁମାର ପ୍ରଧାନ, ଚିନ୍ମୟ ମହାପାତ୍ର, ସନ୍ତୋଖ ସିଂ ଭୁଏ ଉପସ୍ଥିତ ଥିଲେ। ବିଦ୍ୟାଳୟର ମୁଖପତ୍ର 'ଅନଜୋର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷୟିତ୍ରୀ ଆୟୁଷୀ ପଟେଲ ଓ ପୂଜା ରଥ ମଞ୍ଚ ପରିଚାଳନା କରିଥିବା ବେଳେ ସାଇନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଷ୍ଟିଶସ୍ୟ ଚାଷରେ କୃଷି ଯନ୍ତ୍ରପାତିର ବ୍ୟବହାର ନେଇ ତାଲିମ

**ସୁନ୍ଦରଗଡ଼,୨୬।୩(ସମିସ)**

ସରକାରଙ୍କର ଆର୍ôଥକ ସହାୟତାରେ ରାଜ୍ୟର କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର ଓ କୋରାପୁଟରେ ଓୟୁଏଟି ଓ ଇକରିସଓଟ ଦ୍ୱାରା ମିଳିତ ପ୍ରକଳ୍ପ ତରଫରୁ ପୁଷ୍ଟି ଶସ୍ୟର ଚାଷ, କିସମ, ଯାନ୍ତ୍ରିକକରଣ ଆଦି ବିଷୟରେ ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁଅଛି। ଚଳିତ ବର୍ଷ ଉକ୍ତ ପାଞ୍ଚଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ପୁଷ୍ଟି ଶସ୍ୟର ଅମଳ ଯନ୍ତ୍ରଗୁଡ଼ିକର କ୍ଷେତ୍ର ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ କାର୍ଯ୍ୟରତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ "ଓଡ଼ିଶାର ଢିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' ତରଫରୁ ଟାଙ୍ଗରପାଲି ବ୍ଲକର ମହୁଲପାଲି ଠାରେ ପୁଷ୍ଟି ଶସ୍ୟ ଚାଷରେ କୃଷି ଯାନ୍ତ୍ରିକକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ଅଗ୍ରଣୀ ଚାଷୀ, କୃଷି ବିଭାଗର କର୍ମଚାରୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନ, ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କପାଇଁ ଉଦ୍ଦିଷ୍ଟ ପୁଷ୍ଟି ଶସ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇକରିସଓଟର କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡଃ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ପୁଷ୍ଟି ଶସ୍ୟ ଚାଷ ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ କେଉଁ ଯନ୍ତ୍ରପାତି ଗୁଡ଼ିକର କ୍ଷେତ୍ର ପ୍ରଦର୍ଶନ କରାଯିବାର ଆବଶ୍ୟକତା ରହିଛି ସେଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଓଡ଼ିଶା କୃଷି ଶିଳ୍ପ ନିଗମ, ସୁନ୍ଦରଗଡ଼ ଜିଲ୍ଲା ପରିଚାଳକ ଇଞ୍ଜିନିୟର ସୁବୋଧ ତନୟା ପାଣିଗ୍ରାହୀ, ସହକାରୀ କୃଷି ଯନ୍ତ୍ରୀ ଇଂ ମୋନାଲିସା ସାହୁ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନର ବୈଜ୍ଞାନିକ ଡଃ ସଜୀବ ବିଶ୍ୱାସୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ ଜେନା, ବିଶ୍ୱବିଦ୍ୟାଳୟର ଗବେଷଣା ସାହାଯ୍ୟ ଇଂ ଋଷିକେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ପ୍ରମୁଖ ଭୂମିକା ନିଭାଇ ଥିଲେ।



# ଡ୍ରେନ୍‌ରୁ ଗାଈ ଉଦ୍ଧାର



**କଣ୍ଟାବାଞ୍ଜି, ୨୬।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ୱାର୍ଡ ନମ୍ବର ୧୪ର ବିବେକାନନ୍ଦ ନଗରସ୍ଥିତ ଏକ ଖୋଲା ଡ୍ରେନ୍‌ରେ ପଡ଼ିଯାଇଥିବା ଗୋଟିଏ ଗାଈକୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। କିଛି ଗୋରୁଚରାଳି ଗାଈପଲଙ୍କୁ ନେଇ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ସେହି ସମୟରେ ଗାଈଟି ଖସିଯାଇ ଖୋଲା ଡ୍ରେନ୍‌ରେ ପଡ଼ିଗଲା। ସେହିବାଟ ଦେଇ ଯାଉଥିବା ଲୋକମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଗାଈକୁ ଉଦ୍ଧାର କରିଥିଲେ। ଏହି ଘଟଣା ଖୋଲା ଡ୍ରେନ୍ ଘୋଡ଼ାଇ ରଖିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାର ଗୁରୁତ୍ୱକୁ ସ୍ପଷ୍ଟ କରୁଛି। ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କଣ୍ଟାବାଞ୍ଜି ଏନ୍‌ଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଡିଏସ୍‌ସିର ଫାଇଦା ନେଇ କୋଟି କୋଟି ଟଙ୍କା ଗିଳୁଛନ୍ତି ପିଇଓ

## ୫ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହରିଲୁଟ୍

**ଭବାନୀପାଟଣା,୨୬।୩(ସମିସ)**

ଗ୍ରାମାଞ୍ଚଳରେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସହାୟତା ଓ ଦାରିଦ୍ର୍ୟ ହ୍ରାସ ପ୍ରତି ସରକାର ଧ୍ୟାନ ଦେଇଥାନ୍ତି। ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ଅଭାବରୁ ଜନପ୍ରତିନିଧି ଏବଂ ଅଙ୍କୁଶ ନଥିବା ସରକାରୀ ବ୍ୟବସ୍ଥା ଭିତରେ କୋଟି କୋଟି ଟଙ୍କାର କେଲେଙ୍କାରୀ ଘଟଣା ଏବେ ପଦାକୁ ଆସୁଛି। ଲୋକଙ୍କୁ ସାମାଜିକ ସୁବିଧା ଯୋଗାଇବା ଦାୟିତ୍ୱରେ ନିୟୋଜିତ କର୍ମଚାରୀମାନେ କିପରି ସରକାରୀ ଅର୍ଥ ଆତ୍ମସାତ୍ କରି ବର୍ଷ ବର୍ଷ ଧରି ପ୍ରଶାସନ ଜାଣିପାରୁନାହିଁ, ତାହା ହିଁ ଆଜି ବଡ଼ ପ୍ରଶ୍ନ ହୋଇଛି। ପଞ୍ଚାୟତରେ ଜଣେ ଜଣେ ପିଇଓ କୋଟି କୋଟି ଟଙ୍କା ଗିଳୁଥିବାବେଳେ କେହି ଟେର ପାଉନାହାନ୍ତି। ଏମିତି କିଛି ଘଟଣା କଳାହାଣ୍ଡି ଜିଲ୍ଲାରେ ଘଟିଛି। ଜଣେ ପିଇଓ ଇତିମଧ୍ୟରେ ସରକାରୀ ଅର୍ଥ ପ୍ରାୟ ୫କୋଟି ଟଙ୍କା ନିଜ ଆକାଉଣ୍ଟକୁ ନେଇ ଧରାପଡ଼ି ଜେଲ ଯାଇଛି। ଜିଲ୍ଲାରେ ଏହି ଗୋଟିଏ ଘଟଣା ନୁହେଁ, ଅନେକ ଘଟଣା ଲୋକଲୋଚନକୁ ଆସିପାରୁନାହିଁ। କିଛି ଘଟଣା ଜଣାପଡିବା ପରେ ଜିଲ୍ଲା ପ୍ରଶାସନ ପିଇଓଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଚୁପ୍ ରହୁଛି। ତେବେ ପିଇଓମାନେ ଅନେକ ସମୟରେ ଡିଜିଟାଲ ସିଗନେଚର ସାର୍ଟିଫିକେଟକୁ ଆୟୁଧ କରି ପଞ୍ଚାୟତ ଗୁଡିକରେ ବିଭିନ୍ନ ହିତାଧିକାରୀଙ୍କୁ ବଣ୍ଟା ଯିବାକୁଥିବା ଟଙ୍କା ସହଜରେ ଆତ୍ମସାତ୍ କରି ଆସିଛନ୍ତି। ଡିଏସସି ପାଇଁ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କ ଦସ୍ତଖତ କେବଳ ଜରୁରୀ ହୋଇଥାଏ। ତେଣୁ ଯେଉଁମାନେ ସରପଞ୍ଚ, ପିଇଓଙ୍କୁ ଭରସା କରି ଦସ୍ତଖତ ମାରିଛନ୍ତ, ସେଠାରେ ଟଙ୍କା ସୁବିଧାରେ ପିଇଓ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଗିଳି ଚାଲିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପଞ୍ଚାୟତ ଅଫିସରଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଡିଏସସି ବ୍ୟବସ୍ଥା ଭିତରେ ପଶିବା କଷ୍ଟକର ବ୍ୟାପାର। ତନ୍ନ ତନ୍ନ କରି ଯାଞ୍ଚ ହେବାର ଆବଶ୍ୟକ ଥିଲା। ଅଧିକାଂଶ କେସ ୨୦୧୬ ମସିହାରୁ ଆରମ୍ଭ ହୋଇ ତାହା ୨୦୨୨ ମଧ୍ୟରେ ହୋଇଛି। ମୁଁ ବର୍ତ୍ତମାନ ନୂଆକରି ଦାୟିତ୍ୱ ଗ୍ରହଣ କରିଛି। ଗ୍ରାମ ରୋଜଗାର ସେବକ ହୁଅନ୍ତୁ କି ପିଇଓ, ଯେଉଁମାନେ ଥିଲେ ସେମାନେ କେମିତି କିଛି ଜାଣିପାରୁ ନଥିଲେ। ଟଙ୍କା ହିତାଧିକାରୀ ପାଉଛନ୍ତି କି ନାହିଁ, ତାହା ଅନୁଧ୍ୟାନ କରୁ ନଥିଲେ କାହିଁକି ବୋଲି ପ୍ରଶ୍ନ ଉଠୁଛି। ସମୁଦାୟ ବ୍ୟବସ୍ଥାରେ ତଳୁ ଉପର ଯାଏଁ ସମସ୍ତଙ୍କ ସଂପୃକ୍ତିକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସାଧାରଣ ଜଣେ ପିଇଓ କୋଟି କୋଟି ଟଙ୍କା ଆତ୍ମସାତ କରିବାର ବାଟ ବନ୍ଦ କରିବାକୁ ସାମାନ୍ୟତମ ପ୍ରୟାସ କରାଯାଇନାହିଁ, ଯାହାକି ସମସ୍ତଙ୍କୁ ଆଲୋଚନା ସମାଲୋଚନା ପାଇଁ ଖୋରାକ ଯୋଗାଉଛି। କିନ୍ତୁ ଭିଜିଲାନ୍ସ ହାବୁଡ଼ରେ ଯେଉଁ ଦୁର୍ନୀତି ପଡିଛି, ସେଥିରେ କେବଳ ଧରାପଡି ଜେଲ ଯାଇଛନ୍ତି। ଗତ ୨୦୨୩ରୁ ୨୦୨୫ ମଧ୍ୟରେ ଭିଜିଲାନ୍ସ ଦ୍ୱାରା କେତେକଙ୍କୁ ଧରାଯାଇଛି। ସେଥିମଧ୍ୟରୁ ପିଇଓ ଦେବାନନ୍ଦ ସାଗର ଅନ୍ୟତମ। ଲାଞ୍ଜିଗଡ଼ ବ୍ଲକର ପାହାଡ଼ପଦର ପଞ୍ଚାୟତରେ ପିଇଓ ଥିବା ଦେବାନନ୍ଦ ସାଗର ୨୦୨୩ ମସିହାରେ ୪୭,୧୭,୯୭୯ ଟଙ୍କା ସରକାରୀ ଅର୍ଥ ହେରଫେର କରିଥିଲେ। ପରେ ପରେ ଥୁଆମୂଳ ରାମପୁର ବ୍ଲକର ବଡ଼ଛତରଙ୍ଗରେ ପିଇଓ ଦାୟିତ୍ୱରେ ଥିବାବେଳେ ୨୨,୭୬,୧୦୮ ଟଙ୍କା ଆତ୍ମସାତ୍ କରିଥିଲେ। ଉକ୍ତ ବ୍ଲକର ବିରିକୋଟ୍ ପଞ୍ଚାୟତ ୩୪,୯୭,୪୨୦ ଟଙ୍କା ଆତ୍ମସାତ୍ କରିଥିଲେ ପିଇଓ ଦେବାନନ୍ଦ ସାଗର। ପୁଣିଥରେ ୨୦୨୫ ମସିହା ମାର୍ଚ୍ଚ ୨୨ରେ ଭିଜିଲାନ୍ସ ଦ୍ୱାରା ପାହାଡ଼ପଦର ଓ ତଳନେଗୀ ପଞ୍ଚାୟତରୁ ୩ କୋଟି ୨୬ ଲକ୍ଷ ଟଙ୍କା ଡିଏସସିକୁ ଆଧାର କରି ସରକାରୀ ଅର୍ଥ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ସେହିଭଳି ଗତବର୍ଷ କେସିଙ୍ଗା ବ୍ଲକର ସିର୍ଜାପାଲି ପଞ୍ଚାୟତର ପୂର୍ବତନ ପିଇଓ ରୂପଧର ମାଝୀ ୧୦ ଲକ୍ଷ ଟଙ୍କା ହେରଫେର କରିଥିଲେ ଏବଂ ଭିଜିଲାନ୍ସ ଦ୍ୱାରା ଧରାପଡିଥିଲେ। ପୁଣି ଥୁଆମୂଳ ରାମପୁରର କାଣୀଗୁମା ପଞ୍ଚାୟତର ପୂର୍ବତନ ପିଇଓ ସନ୍ୟାସୀ ନାଏକ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରା ପଡିଥିଲେ। ପରେ ପରେ ଭିଜିଲାନ୍ସ ବିଭାଗ ସନ୍ୟାସୀ ନାଏକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଖୋଳତାଡ଼ କରିଥିବା ବେଳେ ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜଣାପଡ଼ିଥିଲା। ଏପରିକି ଗରିବ ଲୋକଙ୍କ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ବି ପିଇଓମାନେ ଲୁଟିନେବାର ପ୍ରୟାସ କିଛି କମ୍ ନୁହେଁ। ଏମାନଙ୍କ ବ୍ୟତୀତ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଏଭଳି ପିଇଓଙ୍କ କାରନାମା ବଳବତ୍ତର ରହିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ଅଙ୍କୁଶ ଲଗାଯାଇ ପାରୁ ନଥିବାରୁ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି।

# ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସିନାପାଲି, ୨୬।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଆବାସ ଯୋଜନା ଗୃହ ପ୍ରଦାନରେ ଜାଲିଆତି କରି ଅନ୍ୟ ଜଣେ ସମାନ ନାମ ଥିବା ବ୍ୟକ୍ତିଙ୍କୁ ଆବାସ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସିନାପାଲି ବ୍ଲକ ଅନ୍ତର୍ଗତ ଗୋର୍ଲା ପଞ୍ଚାୟତ ବୈଜେଲପୁର ଗ୍ରାମର ନିଳାମ୍ବର ମାଝି (୨୮) ବାପା ଡିଙ୍ଗର ମାଝି (୫୦) ଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଲିଷ୍ଟ ଆସିଥିଲା। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନିଳାମ୍ବରଙ୍କ ନାମ ମଧ୍ୟ ଉଲ୍ଲେଖ ରହିଥିବା ସେ ଦେଖିଥିଲେ। ହେଲେ ସେହି ଘରକୁ ସ୍ଥାନୀୟ ବିଭାଗୀୟ କର୍ମଚାରୀ, ଅଧିକାରୀ ମିଳିମିଶି କାଗଜପତ୍ର ଜାଲିଆତି କରି ପଟେଲପଡ଼ା ଗ୍ରାମର ସମାନ ନାମ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିଛନ୍ତି। ସେହି ବ୍ୟକ୍ତି ଘର ପ୍ରଦାନ ନିର୍ଦ୍ଦେଶ ପାଇଲା ପରେ ପ୍ରଥମ କିସ୍ତି ୪୦ ହଜାର ଟଙ୍କା , ଗତ ସେପ୍ଟେମ୍ବର ମାସ ୨୦୨୪ ରେ ଦ୍ୱିତୀୟ କିସ୍ତି ୬୫ହଜାର ଟଙ୍କା ଏକାଉଣ୍ଟରେ ପଡିଥିଲା। ଏହି ଆବାସ ଗୃହକୁ ଅନିୟମିତତା କରି ତାଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ନିଳାମ୍ବର ତାଙ୍କ ସ୍ତ୍ରୀ ହେମକାନ୍ତି ମାଝି (୨୪) ବାପା ଡିଙ୍ଗର ମାଝି (୫୦) ମା' ହରମଣି ମାଝି (୪୫) ବିକଳାଙ୍ଗ ଭଉଣୀ ଯଶୋଦା ମାଝି (୧୮) ପରିବାର ଏକ ମାଟିଘରେ ରହୁଛନ୍ତି। ନିଳାମ୍ବରଙ୍କ ବାପା ଡିଙ୍ଗରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଞ୍ଚଳର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମନରେଗା ଯୋଜନା ତରଫରୁ ୩୩ ହଜାର ଟଙ୍କା ହିତାଧିକାରୀଙ୍କୁ ମିଳୁଥିବା ବେଳେ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଏଯାଏଁ ସମସ୍ତ ଟଙ୍କା ମିଳିନାହି। ଯାହା ଫଳରେ ହିତାଧିକାରୀ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କୁ କହିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହେଉ ନଥିବା ଜଣାପଡ଼ିଛି। ଏଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ଅନିୟମିତତା ହେଉଥିବା ବେଳେ ପ୍ରକୃତ ହିତାଧିକାରୀ ଆବାସରୁ ବଞ୍ଚିତ ହେଉଥିବା ବେଳେ ଥିଲାବାଲା ଲୋକେ ଆବାସ ପାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ ବ୍ଲକ ତଥା ଜିଲ୍ଲା ଅଧିକାରୀ ତୁରନ୍ତ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଭାଟଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଲାଞ୍ଜିଗଡ଼, ୨୬।୩ (ସମିସ):** ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଭାଟଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ସରପଞ୍ଚ ସୁଷମା ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ସୁବାସ ଗୁରୁ, ହରେକୃଷ୍ଣପୁର କ୍ଲଷ୍ଟର ସିଆରସିସି କାଞ୍ଚନବାଳା ମହାରଣା, ଭାଟଗୁଡା ୱାର୍ଡମେମ୍ବର ନିଳାମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। ସ୍କୁଲର ସହ ଶିକ୍ଷକ ଲବଦୁର୍ଗା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଜଗତ ହରିଜନ, ଶ୍ରୀଧର ପାଢ଼ୀ, ଶିକ୍ଷୟିତ୍ରୀ ଝରଣା ରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଜଗତ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଭାଗୃହ ପରିଦର୍ଶନ କଲେ ଜିଲ୍ଲାପାଳ

**ବୌଦ୍ଧ, ୨୬।୩(ସମିସ):** ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ବୌଦ୍ଧ ବ୍ଲକ ତାଲସରଡ଼ା ପଞ୍ଚାୟତ ସଂଗ୍ରାମପୁର ହାଇସ୍କୁଲ ଓ ସାହାଜପାଲ ଠାରେ ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଭାଗୃହ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର ଓ ବୌଦ୍ଧ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା; ଜଣେ ମୃତ, ଦୁଇ ଗୁରୁତର

**ମ.ରାମପୁର, ୨୬।୩(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅଧୀନ ବଫଲା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ ମ.ରାମପୁର ବ୍ଲକ ମାଣିକେରା ପଞ୍ଚାୟତର ଉପରନୂଆ ଗାଁ ପବିତ୍ର ଧରୁଆ(୨୫), ସିନ୍ଧିଗୁଡ଼ା ଗାଁର ବୃନ୍ଦା ପୁଟା(୨୧) ଏବଂ ଆଉ ଜଣେ ଯୁବକ(ପରିଚୟ ମିଳିନାହିଁ) ବାଇକ୍‌ରେ ଯାଉଥିବାବେଳେ ବଫଲା ନିକଟରେ ଦୁର୍ଘଟଣାର ଶିକାର ହେଇଥିଲେ। ଘଟଣାସ୍ଥଳରେ ହିଁ ସିନ୍ଧିଗୁଡ଼ାର ବୃନ୍ଦାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରମାନଙ୍କୁ ପ୍ରଥମେ ନର୍ଲା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନର୍ଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ବୁଢ଼ିପଦରରେ ଷୋହଳ ପ୍ରହର ନାମଯଜ୍ଞ

**ଭବାନୀପାଟଣା, ୨୬।୩(ସମିସ):** ଭବାନୀପାଟଣା ବ୍ଲକ୍ ଅଧୀନ ଚହଗାଁ ପଞ୍ଚାୟତସ୍ଥିତ ବୁଢ଼ିପଦର ଗ୍ରାମରେ ଦ୍ୱିତୀୟ ବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଇଯାଇଛି। ଏନେଇ ନାମଯଜ୍ଞ ପାଇଁ ରବିବାର ଶୁଭ କଳସ ଯାତ୍ରା ଆୟୋଜିତ ହୋଇଥିଲା। ସୋମବାର ସକାଳେ ଘଟିକାରୁ ନାମ ଆରମ୍ଭ ହୋଇଥିବା ବେଳେ ବୁଧବାର ସକାଳେ ନାମ ସମାପନ ଓ ପୂର୍ଣ୍ଣାହୂତି ହୋଇଛି। ଜନସାଧାରଣଙ୍କମନରେ ଭକ୍ତି ଭାବନା ଜାଗ୍ରତ ହୋଇ ବେଶ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁଛି। ଏହି ନାମଯଜ୍ଞରେ ପୂଜକ କମ୍ବୁପାଣି ଦାଶ ଓ ଭକ୍ତରାମ ଦାଶ ପୂଜାକାର୍ଯ୍ୟ ତୁଲାଉଥିଲେ। ଏଥିରେ ଯଜ୍ଞ କର୍ତ୍ତାଭାବେ ଚକାନୟନ ସାହୁ ଓ ତାଙ୍କ ଧର୍ମପତ୍ନୀ ଲିଲି ସାହୁ ଦାୟିତ୍ୱ ନିର୍ବାହ କରୁଥିଲେ। ଏଥିରେ ଆୟୋଜକ କମିଟି ସଭାପତି ଗିରିଧାରୀ ସାହୁ, ସମ୍ପାଦକ ସୁଦର୍ଶନ ସାହୁ, ଦୀନବନ୍ଧୁ ସାହୁ, କାମଦେବ ସାହୁ, ଜଳନ୍ଧର ସାହୁ, ପ୍ରହଲ୍ଲାଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ସାହୁ, ଦାମଦୋର ସାହୁ, ଜଗନ୍ନାଥ ସାହୁ, ପିତାମ୍ବର ସାହୁ, ଲାଲୁପ୍ରସାଦ ସାହୁ, ଚାରୁଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

**ଭବାନୀପାଟଣା, ୨୬।୩ (ସମିସ):** ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲି ଠାରେ ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଞ୍ଜିଗଡ଼ ରୁଷିୟା ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତଭୂଷଣ ସାହୁ, କଳାହାଣ୍ଡି କଟପା ସୁନୀଲ ମହାନନ୍ଦ, ଗୁଣ୍ଡୁରୀ ସରପଞ୍ଚ ହରପ୍ରିୟା ମାଝୀ, ସମିତିସଭ୍ୟ ପଦ୍ମିନୀ ପୂଝାରୀ, ଭଟାଙ୍ଗପଦର କ୍ଲଷ୍ଟର ସିଆରସିସି ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀ ଜିଲ୍ଲା ପୁରସ୍କାରପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାଲବାଟିକା ଶ୍ରେଣୀକୁ ବିଇଓ ରୁଷିୟା ମେହେର ଉଦ୍‌ଘାଟନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ଶିକ୍ଷା ହିଁ ଭବିଷ୍ୟତ ଜୀବନର ଚାବିକାଠି ବୋଲି ବିଇଓ ଶ୍ରୀ ମେହେର୍ ନିଜ ବକ୍ତବ୍ୟରେ କହିଥିଲେ। ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରୁ ନବୋଦୟ ବିଦ୍ୟାଳୟ ପାଇଁ ଜଣେ ଛାତ୍ର ଏବଂ ଆଦର୍ଶ ବିଦ୍ୟାଳୟ ପାଇଁ ୪ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବିଦ୍ୟାଳୟ ତରଫରୁ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନବୋଦୟ ଓ ଆଦର୍ଶ ବିଦ୍ୟାଳୟ ପାଇଁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସ୍ୱରୂପ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଥିଲା। ଅନ୍ୟତମ ଆକର୍ଷଣ ଭାବେ କଳାହାଣ୍ଡି କଟପା ଗ୍ରାମବାସୀଙ୍କୁ ଉତ୍ସାହିତ କରିବାପାଇଁ ଉତ୍ତମ ଶିକ୍ଷା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରବୀଣ ତାଣ୍ଡି ପ୍ରଧାନଶିକ୍ଷକ ବିବରଣୀ ପାଠ ପୂର୍ବକ ବିଦ୍ୟାଳୟର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସହ ଶିକ୍ଷକ ଦନାର୍ଦ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ପିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସ୍କାଏ ଇଗଲ୍ ଓ କ୍ରିଏସି ହୁଣ୍ଟର ବିଜୟୀ




**ବିନିକା, ୨୬।୩(ସମିସ):** ତାରାପୁର ଗଡ଼ ମିନି ଷ୍ଟାଡିୟମରେ ଚାଲିଥିବା ବିନିକା ପାଲିପଡ଼ା କ୍ରିକେଟ ଲିଗ୍ ସପ୍ତମ ମ୍ୟାଚରେ ବଜରଙ୍ଗୀ ଫାଇଟରକୁ ହରାଇ ସ୍କାଏ ଇଗଲ ବିଜୟୀ ହୋଇଛି। ବାଜରଙ୍ଗୀ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ୱିକେଟ ହରାଇ ୯୦ରନ କରିଥିଲା ତାର ଜବାବରେ ସ୍କାଏ ଇଗଲ ୮ଓଭରରେ ୫ୱିକେଟ ହରାଇ ୯୧ରନ କରି ବିଜୟୀ ହୋଇଥିଲା। ସେହିପରି ଗତକାଲି ମ୍ୟାଚରେ ରୀୟାନ୍ ଟାଇଗରକୁ ହରାଇ କ୍ରିଏସି ହୁଣ୍ଟର ବିଜୟୀ ହୋଇଛି। ଖେଳକୁ ପ୍ରଦୀପ, କିରନ, ଜିତୁ ଓ ରଞ୍ଜନ ପରିଚାଳନା କରିଥିବା ବେଳେ ମ୍ୟାଚ ଧାରାବିବରଣୀ ଆନନ୍ଦ ନାଗ ଏବଂ ସ୍କୋରର ଭାବେ ମହେନ୍ଦ୍ର, ହାଡୁ ଦାୟିତ୍ୱ ତୁଲାଇଥିଲେ। ଅମିତ ବିକ୍ରମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ଖେଳଶିକ୍ଷକ ବିଦ୍ୟୁଲତା କର, ଆଶିଷ କୁମାର ରଥ, ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଶିକ୍ଷୟିତ୍ରୀ ତନ୍ମୟା ଅଗସ୍ତି, ଶିକ୍ଷକ ଦେବଦତ୍ତ ପଣ୍ଡା, ଅବସରପ୍ରାପ୍ତ କିରାଣି ମାନଗୋବିନ୍ଦ ମେହେର, ସମାଜସେବୀ ଦୀପାନ୍ୱିତା ମାହାଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଜିତୁ ନାଗ, ତାରାଚାନ୍ଦ ମେହେରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଅବ୍ୟବସ୍ଥାରେ ବୋରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ କୋଠରିରେ ଚାଲୁଛି ୮ ଟି ଶ୍ରେଣୀ

**ଲାଞ୍ଜିଗଡ଼, ୨୬।୩(ସମିସ)**

ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ଅଧୀନ ବୋରପଦର ଉଚ୍ଚପ୍ରାଥମିକ ବିଦ୍ୟାଳୟ ୧୯୬୬ ମସିହାରେ ସ୍ଥାପନ ହୋଇଥିବାବେଳେ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୫ଜଣ ଛାତଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ସ୍କୁଲରେ ୩ଜଣ ଶିକ୍ଷକ ରହିଥିବା ବେଳେ ୮ଟି ଶ୍ରେଣୀ ପାଇଁ କେବଳ ଗୋଟିଏ ଶ୍ରେଣୀଗୃହ ଓ ବାରଣ୍ଡା ରହିଛି। ଯାହାଫଳରେ ଶ୍ରେଣୀ ଗୃହ ଅଭାବ ଯୋଗୁଁ ସ୍କୁଲ ବାରଣ୍ଡାରେ ପିଲାଙ୍କୁ ପାଠ ପଢ଼ିବା ସମ୍ଭବ ହୋଇପାରୁନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ବୈଦ୍ୟନାଥ ନାଏକ ଓ ଶିକ୍ଷକ ପ୍ରମୁଖ ମତ ପ୍ରକାଶ କରିଛନ୍ତି। ସ୍କୁଲ ଅବ୍ୟବସ୍ଥାକୁ ନେଇ ବ୍ଲକ ଶିକ୍ଷା ବିଭାଗ ଓ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ଅଭିଯୋଗ କ୍ରମେ ପଞ୍ଚାୟତ ଅନୁଦାନରୁ ୨ଟି କୋଠା ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଯେ'ଅର୍ଥରାଶି ମଞ୍ଜୁର ହୋଇ କୋଠା ନିର୍ମାଣର ୩ବର୍ଷ ପରେବି ଏବେ ଯାଏଁ କୋଠାର ଛାତ ପଡ଼ିପାରି ନାହିଁ। ସେହିପରି ସ୍କୁଲ ସାମ୍ନାରେ ଥିବା ନଳକୂପରେ ଗୋଳିଆ ପାଣି ବାହାରୁଥିବା ବେଳେ ଗୋଟିଏ ବାଲଟି ପାଣି ବାହାରିବା ପରେ ଆଉ ପାଣି ବାହାରୁ ନାହିଁ। ଯାହାଫଳରେ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଯାଇଛି। ଏନେଇ ପାହାଡ଼ପଦର ସରପଞ୍ଚଙ୍କୁ ପଚାରିବାରୁ ବୋରପଦର ସ୍କୁଲ ପ୍ରକୃତରେ ଅବ୍ୟବସ୍ଥା ରହିଛି ପରିତାପର ବିଷୟ, ପଞ୍ଚାୟତ ଅନୁଦାନରୁ ସ୍କୁଲ କୋଠ ନିର୍ମାଣ ପାଇଁ ୩ବର୍ଷ ପୂର୍ବେ ମଞ୍ଜୁର ହୋଇଥିଲା। କିନ୍ତୁ ଦୁଃଖର ସହିତ କହୁଛି ଏବେ ଯାଏଁ ୨ଟି କୋଠା ଛାତ ପଡ଼ି ପାରିନାହିଁ। ବର୍ତ୍ତମାନ ଆଉ ଗୋଟେ ନୂତନ କୋଠା କାର୍ଯ୍ୟ ଚାଲିଛି ଓ ସେହି ଦୁଇଟି ପୁରୁଣା କୋଠାକୁ ଛାତ ପକାଇବା ପାଇଁ ଲାଞ୍ଜିଗଡ଼ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛି। କିଛି ମାସ ପରେ ନିହାତି ସମସ୍ୟାର ସମାଧାନ ହୋଇଯିବ ବୋଲି ସୂଚନା ଦେଇଛନ୍ତି। ଏଥିପ୍ରତି କଳାହାଣ୍ଡି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।



# ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଖଡ଼ିଛୁଆଁ ପ୍ରବେଶ ଉତ୍ସବ



**କର୍ଲାମୁଣ୍ଡା, ୨୬।୩(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଖଡ଼ିଛୁଆଁ ପ୍ରବେଶ ଉତ୍ସବ ନିମନ୍ତ୍ରଣ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଦର ଶାନ୍ତିନଗର ପଡ଼ା, ଡୁକେରମାଲ, ଫଲସାପଡ଼ା ପଡ଼ାଠାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ସା ଓ ଗୋପମଣୀ ସାହୁ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର, ଶିକ୍ଷକ ସଞ୍ଜୟ ସେନାପତି, ରିଟନ୍ ନାଗ, ସୁଶିଳା ରଣା, ଶିକ୍ଷୟିତ୍ରୀ ତୁଳାମତି ସାହୁ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶିଶୁ ଓ ଅଭିଭାବକ, ଅଭିଭାବିକାଙ୍କ ଘରକୁଯାଇ ଆସନ୍ତା୨ରୁ ୫ ତାରିଖରେ ହେବାକୁ ଥିବା ଖଡ଼ିଛୁଆଁ ପ୍ରବେଶ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କାର୍ଡ ବଣ୍ଟନ କରିଥିଲେ। ସେହିପରି ଭଟାପଲାଠାରେ ସ୍ଥାନୀୟ ସରପଞ୍ଚ ସୁବାସ ସାହୁ, ରେଙ୍ଗାଲି ସିଆରସିସି ଉଜ୍ଜ୍ୱଳ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସଂଯୋଗ ସାହୁ, ୱାର୍ଡମେମ୍ବର ଭାସ୍କର ସାହୁ, ପ୍ରଧାନଶିକ୍ଷକ ଜଗମୋହନ ସାହୁ ଓ ଅନ୍ୟମାନେ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ।

